୬ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଜିତିଲା ରାଜସ୍ଥାନ ରୟାଲ୍ସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୬୨ ● ୩୦ ମାର୍ଚ୍ଚ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-62 ● 30th March 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24

## ସି-ଭିଜିଲ ଆପ୍ ଜରିଆରେ ଆସିଛି ୭୯ ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗ

**ନୂଆଦିଲ୍ଲୀ, ୨୯।୩**

ସି-ଭିଜିଲ ଆପ୍ ଜରିଆରେ ନିର୍ବାଚନ ପ୍ରକ୍ରିୟା ଉପରେ ଭାରତୀୟ ନିର୍ବାଚନ ଆୟୋଗ ତୀକ୍ଷ୍ଣ ନଜର ରଖିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ରେକର୍ଡିଂ, ରିପୋର୍ଟିଂ ଏବଂ ସମାଧାନ ପାଇଁ ଏହି ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ଜରିଆରେ ଫଟୋ, ଭିଡିଓ ଇତ୍ୟାଦି ଉଠାଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅନଲାଇନ ଅଭିଯୋଗ କରାଯାଇପାରିବ।

ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି ଯେ, ଲୋକସଭା ନିର୍ବାଚନ ଘୋଷଣା ହେବା ପରଠାରୁ ଏହି ଆପ୍ ମାଧ୍ୟମରେ ୭୯ ହଜାରରୁ ଅଧିକ ଅଭିଯୋଗ ଆସିଛି। ୯୯ ପ୍ରତିଶତରୁ




ଅଧିକ ଅଭିଯୋଗର ସମାଧାନ ହୋଇଛି ବୋଲି ଆୟୋଗ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୮୯ ପ୍ରତିଶତ ୧୦୦ ମିନିଟ ମଧ୍ୟରେ ସମାଧାନ ହୋଇଛି।

ବେଆଇନ ବ୍ୟାନର ହୋର୍ଡିଂ ସମ୍ପର୍କରେ ୫୮,୫୦୦ ଅଭିଯୋଗ ହୋଇଥିବାବେଳେ ଆୟ ବଣ୍ଟନ, ଉପହାର ଏବଂ ମଦ ବଣ୍ଟନ ସମ୍ପର୍କରେ ୧୪୦୦ ଅଭିଯୋଗ ରହିଛି ବୋଲି ଆୟୋଗ କହିଛନ୍ତି। ଅଭିଯୋଗ ଅନୁଯାୟୀ ତିନି ପ୍ରତିଶତ ସମ୍ପତ୍ତି ନଷ୍ଟ ବିଷୟରେ ଥିଲା। ଗାଳି ଗୁଲଜ କରିବାର ୫୩୫ଟି ଅଭିଯୋଗ ମଧ୍ୟରୁ ୫୨୯ଟିର ସମାଧାନ ହୋଇଛି। ନିଷିଦ୍ଧ ଅବଧି ପରେ ପ୍ରଚାର ସହିତ ଏକ ହଜାର ଅଭିଯୋଗ ସମ୍ବନ୍ଧୀୟ ଥିଲା।

ସୂଚନା ଥାଉକି, ମାର୍ଚ୍ଚ ୧୬ରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ଘୋଷଣା କରାଯାଇଥିଲା ଏବଂ ଏପ୍ରିଲ ୧୯ରୁ ଭୋଟିଂ ଆରମ୍ଭ ହେବ, ଯାହାର ଫଳାଫଳ ଜୁନ ୪ରେ ପ୍ରକାଶ ପାଇବ।

## ଟିଟିଲାଗଡ଼, ବଲାଙ୍ଗୀର ସମେତ ୫ ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲା

**ଭୁବନେଶ୍ୱର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ୫ଟି ସହରରେ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି। ଟିଟଲାଗଡ଼, ବଲାଙ୍ଗୀର, ବୌଦ୍ଧ, ଭବାନୀପାଟଣା ଏବଂ ନୟାଗଡ଼ରେ ଶୁକ୍ରବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁସାରେ ପାରାଦୀପ, ଗୋପାଳପୁର ଓ ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ ସବୁ ବଡ଼ ସହରର ତାପମାତ୍ରା ୪୫ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି।



ରାଜ୍ୟରେ ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରୀ ଉପରେ ପାରଦ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର। ଆହୁରି ମଧ୍ୟ କୁହାଯାଇଛି ଯେ ଉପକୂଳ ଓଡ଼ିଶାରେ ତାତି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ। ଲୋକେ ସନ୍ତୁଳି ହେବେ, ଦିନ ୧୦ ଟାରୁ ଅପରାହ୍ନ ୩ ଟାକୁ 'ପିକ୍ ଆୱାର' ଘୋଷଣା କରାଯାଇଛି । ଏହି ସମୟରେ ବୟସ୍କ ଏବଂ ଶିଶୁଙ୍କୁ ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଛି। ଏଣେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ଚେତାବନୀ ଦେଇଛି ପାଣିପାଗ ବିଭାଗ। ଉପକୂଳ ଓଡ଼ିଶାରେ ୩୯ ଡିଗ୍ରୀ ସହ ୬୦ ପ୍ରତିଶତ ଆର୍ଦ୍ରତା ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ରହିବ କାଳବୈଶାଖୀ ପ୍ରଭାବ
## ପ୍ରଚଣ୍ଡ ବଜ୍ରପାତ ନେଇ ସତର୍କ କଲା ପାଣିପାଗ ବିଭାଗ



**ଭୁବନେଶ୍ୱର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଉପର ମୁହାଁ ହୋଇଛି ପାରଦ। ଗତ ଦୁଇ ଦିନ ହେବ ଅଧିକାଂଶ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହି ସ୍ଥିତି ଯୋଗୁଁ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ୧୩ ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଛି । ଏହି ସ୍ଥିତି ଆଗକୁ ଜାରି ରହିବା ସହ ତାପମାତ୍ରାରେ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି। ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟରେ ପାରଦ ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଅନ୍ୟପଟେ ତାପମାତ୍ରା ବୃଦ୍ଧି ଓ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ ଯୋଗୁଁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଆଦି ଜିଲ୍ଲାରେ ମଧ୍ୟ ସ୍ୱଳ୍ପ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍ଆରସିଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି । ମୁଖ୍ୟତଃ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସମସ୍ତ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବଜ୍ରପାତରୁ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କାଳବୈଶାଖୀ ଯୋଗୁଁ ଯଦି କୌଣସି କ୍ଷୟକ୍ଷତି ଘଟେ ତେବେ ତୁରନ୍ତ ଏହାର ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶୁକ୍ରବାର ରାଜ୍ୟର ୫ ସହରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ଆଗକୁ ତାପମାତ୍ରା ଆହୁରି ବଢ଼ିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ୩୧ ତାରିଖ ସୁଦ୍ଧା କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ସମ୍ଭାବନା ରହିଛି ।

## ନିରନ୍ତର ଜନସେବା ଯୋଗୁଁ ରାଜ୍ୟବାସୀଙ୍କ ହୃଦୟରେ ନବୀନ

**ଭୁବନେଶ୍ୱର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

ବିଜୟର ନବୀନ ମନ୍ତ୍ର ଜନସେବା । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଜୁ ଜନତା ଦଳର ବିଜୟର ଏକମାତ୍ର କାରଣ ସ୍ୱଚ୍ଛ ଶାସନ ଯୋଗୁ ସାରା ଭାରତରେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ପାଳି ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନିଜ ସମେତ ୭୨ ବିଧାନସଭା ଓ ୧୫ ଲୋକସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନିର୍ବାଚନୀ ମାହୋଲକୁ ଉଷ୍ମ କରିଛନ୍ତି ନବୀନ । ପ୍ରାର୍ଥୀମାନେ ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି । ଏହି ବିଶ୍ୱାସ ଯୋଗୁଁ ସେମାନେ କୃତଜ୍ଞତା ଜଣାଇବା ସହ ବିଜୟର ମନ୍ତ୍ର ବି ଆଣିଛନ୍ତି। ନିରନ୍ତର ଜନସେବା ଯୋଗୁଁ ରାଜ୍ୟବାସୀଙ୍କ ହୃଦୟରେ ଯେଉଁ ସ୍ଥାନ



ବିଜେଡି ବଜାୟ ରଖିଛି, ତାହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ମିଳିଛି । ସଠିକ ନିର୍ବାଚନ ପରିଚାଳନା ସହ ବିପୁଳ ମାତ୍ରାରେ ବିଜୟର ଗୁରୁମନ୍ତ୍ର ପାଇଛନ୍ତି ସବୁ ପ୍ରାର୍ଥୀ। ଏହି ନିର୍ବାଚନରେ ସମସ୍ତଙ୍କ ଆଖି ସମ୍ବଲପୁର ଲୋକସଭା ଆସନ ଉପରେ। କାରଣ ଏଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟକ୍କର ଦେଉଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଦଳର ବୃହତ୍ତର ସ୍ୱାର୍ଥ ପାଇଁ ନିଜ ନିର୍ବାଚନ ମଣ୍ଡଳୀକୁ ଛାଡ଼ି ପ୍ରଣବ ଯାଇଛନ୍ତି ସମ୍ବଲପୁର । ଏଠାରେ ଯେଉଁ ବିଗଫାଇଟରେ ଆଶା ରହିଛି, ସେଥିରେ ପ୍ରଣବ ବିପୁଳ ଭୋଟରେ ଜିତିବା ନେଇ ଆକଳନ କରିଛନ୍ତି ସ୍ଥାନୀୟ ନେତା।

## ବିଲ୍ ଗେଟ୍ସଙ୍କୁ ପ୍ରସ୍ତାବ ଦେଲେ ମୋଦି
## ଏଆଇ କଣ୍ଟେଣ୍ଟରେ ୱାଟରମାର୍କ ରହିଲେ ଭଲ ହେବ

**ନୂଆଦିଲ୍ଲୀ, ୨୯।୩**

ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ ଗେଟ୍ସଙ୍କ ମଧ୍ୟରେ ଏକ ଆଲୋଚନା ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାରଠୁ ନେଇ ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ମହିଳା ସଶକ୍ତିକରଣ ଉପରେ ଚର୍ଚ୍ଚା କରିଛନ୍ତି ଉଭୟ ମୋଦି-ବିଲଗେଟ୍ସ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ବିଲଗେଟ୍ସଙ୍କୁ କହିଛନ୍ତି, ଭାରତରେ ସର୍ବଶ୍ରେଷ୍ଠ ଶିକ୍ଷାଦାନ ଦିଗରେ କାର୍ଯ୍ୟ ଜାରି ରହିଛି। ଦେଶରେ କୃଷି କ୍ଷେତ୍ରରେ ବଡ଼ଧରଣର ବିପ୍ଳବ ଆସିଛି । ଏବେ ଗାଁରେ ମଧ୍ୟ ଡିଜିଟାଲ ସୁବିଧା ପହଞ୍ଚି ପାରିଛି।



ଏଥିସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ସେ କହିଛନ୍ତି ବର୍ତ୍ତମାନ ସମୟରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଜି-୨୦ ଶିଖର ସମ୍ମିଳନୀରେ ଏଆଇ କିମ୍ବା ଏଆଇ ଟେକ୍ନୋଲୋଜି ମୋ ଭାଷଣକୁ ବିଭିନ୍ନ *(ପୃଷ୍ଠା ୭ରେ)*

## ଏଣିକି ପିଏଚଡ଼ି ପାଇଁ ଆବଶ୍ୟକ ହେବ
## ଜାତୀୟ ଯୋଗ୍ୟତା ପରୀକ୍ଷା ବା ନେଟ୍ ସ୍କୋର

**ଭୁବନେଶ୍ୱର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

ଏଣିକି ପିଏଚଡ଼ି ପାଇଁ ଆବଶ୍ୟକ ହେବ ଜାତୀୟ ଯୋଗ୍ୟତା ପରୀକ୍ଷା ବା ନେଟ ସ୍କୋର। ଆଶାୟୀ ଛାତ୍ରଛାତ୍ରୀମାନେ ନେଟ ପରୀକ୍ଷାରେ ରଖିଥିବା ସ୍କୋର ଅନୁଯାୟୀ ସିଟ ପାଇବେ। ପୂର୍ବରୁ ସମସ୍ତ ବିଶ୍ୱବିଦ୍ୟାଳୟ ଭିନ୍ନ ଭିନ୍ନ ଭାବେ ପିଏଚଡ଼ି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା କରୁଥିଲେ। ଏହାଦ୍ୱାରା ଆଶାୟୀ ଛାତ୍ରଛାତ୍ରୀମାନେ ଏକାଧିକଥର ପରୀକ୍ଷା ଦେଇ ଖର୍ଚ୍ଚାନ୍ତ ହେଉଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଓ ଅସୁବିଧାକୁ ଦୃଷ୍ଟିରେ ରଖି ଏକକ ପ୍ରବେଶିକା ପରୀକ୍ଷା କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା । ବିଶେଷଜ୍ଞ କମିଟି ସୁପାରିଶ ଆଧାରରେ ନେଟ ସ୍କୋର



ଆଧାରରେ ନାମଲେଖା ପାଇଁ ୟୁଜିସି ନିଷ୍ପତ୍ତି ନେଇଛି।

ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ କରିବାକୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସମ୍ପ୍ରତି ନେଟ ପରୀକ୍ଷା ଅନୁଯାୟୀ ଜୁନିଅର ରିସର୍ଚ୍ଚ ଫେଲୋସିପ(ଜେଆର୍ଏଫ୍) ଓ ସହାୟକ ଅଧ୍ୟାପକ ପାଇଁ ଚୟନ କରାଯାଉଛି। ଏହି ନିଷ୍ପତ୍ତି ପରେ ଆସନ୍ତା ଜୁନ ମାସରୁ ନେଟ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନେ ତିନୋଟି ବର୍ଗ ପାଇଁ ମନୋନୀତ ହୋଇପାରିବେ। *(ପୃଷ୍ଠା ୭ରେ)*

## କଂଗ୍ରେସକୁ ୧୭୦୦କୋଟି ଟଙ୍କାର ରିକଭରି ନୋଟିସ ପଠାଇଲା ଆୟକର ବିଭାଗ

**ନୂଆଦିଲ୍ଲୀ, ୨୯।୩**

କଂଗ୍ରେସକୁ ଲାଗୁଛି ଝଟକା ଉପରେ ଝଟକା । ଟିକସ ପୁନଃମୂଲ୍ୟାଙ୍କନ ପାଇଁ ଆୟକର ବିଭାଗ ପଠାଇଥିବା ନୋଟିସ ବିରୋଧରେ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା ଦଳ। ହେଲେ ଆବେଦନକୁ ଖାରଜ କରିଥିଲେ ହାଇକୋର୍ଟ । ଏହାର କିଛି ଘଣ୍ଟା ପରେ ଆୟକର ବିଭାଗ ଦଳକୁ ୧୭୦୦କୋଟି ଟଙ୍କାର ନୋଟିସ ପ୍ରଦାନ କରିଛି । କଂଗ୍ରେସ ନେତା ବିବେକ ତନଖା ଏହି ସୂଚନା ଦେଇଛନ୍ତି। ସୂଚନାନୁସାରେ, ୨୦୧୭-୧୮ରୁ ୨୦୨୦-୨୧ ଆୟକର ମୂଲ୍ୟାଙ୍କନ ବର୍ଷ ପାଇଁ ଏହି ନୋଟିସ କଂଗ୍ରେସକୁ ପଠାଯାଇଛି। ଏଥିରେ ଉଭୟ ଜରିମାନା ଏବଂ ସୁଧ ଅନ୍ତର୍ଭୁକ୍ତ।

ଏହା ପୂର୍ବରୁ ଆୟକର ବିଭାଗ ୨୦୦କୋଟି ଟଙ୍କା ଜରିମାନା ଲଗାଇବା ସହ ପାଣ୍ଠି ଫ୍ରିଜ କରିଥିଲା । ଏହି କାରଣରୁ



କଂଗ୍ରେସ ଅର୍ଥ ଅଭାବର ସମ୍ମୁଖୀନ ହୋଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳି ନଥିଲା। ୨୦୦ କୋଟି ପରେ ଏବେ ଦଳକୁ ୧୭୦୦ କୋଟିର ନୋଟିସ ପଠାଇଛି ଆୟକର ବିଭାଗ। ବର୍ତ୍ତମାନ ଦଳ ପାଖରେ ସୁପ୍ରିମକୋର୍ଟ ଯିବାର ବିକଳ୍ପ ରହିଛି।

ଆୟକର ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବିଜେପିକୁ ଟାର୍ଗେଟ କରିଛି କଂଗ୍ରେସ। ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଦେବାଳିଆ କରିବା ପାଇଁ ବିଜେପି ଆୟକର ଅଧିକାରୀଙ୍କୁ ବ୍ୟବହାର କରୁଛି ବୋଲି କହିଛି କଂଗ୍ରେସ।

## ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାଗହଣା ଲୁଟିଲେ ଦୁର୍ବୃତ୍ତ

**ଆନନ୍ଦପୁର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ମାତିଲେ ଲୁଟେରା। ବୀରଗୋବିନ୍ଦପୁର ନିକଟରେ ସ୍ୱଷ୍ଟ ଦିବାଲୋକରେ ଗୁଳି ଫୁଟାଇ ଦମ୍ପତିଙ୍କଠାରୁ ସୁନାଗହଣା ଲୁଟି ନେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଘଟଗାଁ ବ୍ଲକ ଢେଙ୍କିକୋଟ ଅଞ୍ଚଳର ନିଗମ ପ୍ରସାଦ ସାହୁ ଓ ପତ୍ନୀ ଲଛମାରାଣୀ ସାହୁ ଏକ ସ୍କୁଟିରେ ନିଜ ଭଉଣୀଘର ବେଲବାହାଳି ଆସୁଥିଲେ। ସେମାନଙ୍କୁ ଏକ ପଲସର ବାଇକ୍‌ରେ ତିନିଜଣ ମୁଖାପିନ୍ଧା ଦୁର୍ବୃତ୍ତ ପିଛା କରିଥିଲେ। ଅପରାହ୍ନ ୩ଟା ବେଳେ ଘସିପୁରା ଥାନା ବୀରଗୋବିନ୍ଦପୁର ନିକଟରେ ଦୁର୍ବୃତ୍ତମାନେ ସେମାନଙ୍କୁ ସାଇଡ ମାରିବା ସହ ଗାଳିଗୁଲଜ କରିଥିଲେ। ପରେ ବନ୍ଧୁକରୁ ତିନି ରାଉଣ୍ଡ ଫାଙ୍କା ଗୁଳି ଚଳାନା କରି ଦମ୍ପତିଙ୍କୁ ଭୟଭୀତ କରିଥିଲେ। ଲଛମାରାଣୀଙ୍କ ବେକରୁ ସୁନାହାର, ମଙ୍ଗଳସୂତ୍ର ଓ କାନଫୁଲ ଆଦି ଲୁଟି ନେଇ ଘଟଗାଁ ଆଡ଼କୁ ଚାଲି ଯାଇଥିଲେ।

## ବିଜେପି ନେତାଙ୍କ ନିଦ ହଜାଇବ ବିଜେଡ଼ି



**ଭୁବନେଶ୍ୱର, ୨୯।୩**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ନିର୍ବାଚନରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡ଼ି ତିନି ଚତୁର୍ଥାଂଶରୁ ଅଧିକ ଭୋଟରେ ବିଜୟଲାଭ କରିବା ସହ ରେକର୍ଡ କରିବ ଏବଂ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ସ୍ୱଷ୍ଟ ବୋଲି ଆକଳନ କରାଯାଇଛି।

ବିଶିଷ୍ଟ ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କ ସୂଚନା ଅନୁସାରେ ୨୦୨୪ ନିର୍ବାଚନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଦଳ ପକ୍ଷରୁ ଯେଉଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି ତାହା ବିଜୟ ସମ୍ଭାବନା ଉଜ୍ଜ୍ୱଳ ଥିବା ଆଧାରରେ ହିଁ ହୋଇଛି। ଏଥିପାଇଁ ଦଳରେ ବହୁ ହେବିୱେଟଙ୍କୁ ଦାୟିତ୍ୱ ଦିଆଯାଇଛି ଏବଂ ବିଭିନ୍ନ ଆସନରେ ପ୍ରାର୍ଥୀ ମଧ୍ୟ କରାଯାଇଛି। ଭୁବନେଶ୍ୱର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଅପରାଜିତାଙ୍କୁ ଟକ୍କର ଦେବା ପାଇଁ ସୁର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି କେନ୍ଦ୍ରାପଡା ଲୋକସଭା ଆସନରୁ ବିଜେପିର ବୈଜୟନ୍ତ ପଣ୍ଡାଙ୍କୁ ଚ୍ୟାଲେଞ୍ଜ ଦେବା ପାଇଁ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅନୁରୂପ ଭାବେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ପାଟକୁରା ବିଧାନସଭା ଆସନରୁ ବିଜେଡ଼ିର ପ୍ରାର୍ଥୀ କରାଯାଇଛି। ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପୂର୍ବ ଆସନ ହିଞ୍ଜିଳିରୁ ନିର୍ବାଚନ ଲଢୁଛନ୍ତି। ପ୍ରାର୍ଥୀ ତାଲିକାରୁ ନବୀନ ଏଥର ନିର୍ବାଚନ ଜିତିବାର ସମସ୍ତ ରଣକୌଶଳ ନିଜେ ଭାବିଚିନ୍ତି ପ୍ରସ୍ତୁତ କରିଥିବା ଜଣାପଡିଛି। ସମ୍ବଲପୁର ଲୋକସଭା ଆସନରେ ବିଜେଡ଼ିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ। ଏହା ଫଳରେ ସେଠାରେ ଧର୍ମେନ୍ଦ୍ରଙ୍କୁ ସେ କଡା ଟକ୍କର ଦେବେ ଏବଂ ତାଙ୍କର ମଧ୍ୟ ସମ୍ବଲପୁର ଜିଲ୍ଲାରେ ଭଲ ଲୋକ ସମ୍ପର୍କ ଥିବାରୁ ବିଜୟ ସମ୍ଭାବନା ଉଜ୍ଜ୍ୱଳ ରହିଛି। ପ୍ରଣବ ସେଠାରେ ଧର୍ମେନ୍ଦ୍ରଙ୍କ *(ପୃଷ୍ଠା ୭ରେ)*

## ଯେତେବେଳେ ସରକାର ବଦଳିବ
## ଗଣତନ୍ତ୍ର ହତ୍ୟାକାରୀମାନଙ୍କୁ ଦଣ୍ଡ ଦେବୁ



**ନୂଆଦିଲ୍ଲୀ, ୨୯।୩**

ଆୟକର ବିଭାଗ ପକ୍ଷରୁ କଂଗ୍ରେସକୁ ଜାରି କରାଯାଇଥିବା ନୋଟିସ ପ୍ରସଙ୍ଗରେ କଂଗ୍ରେସ ନେତା ରାହୁଲ ଗାନ୍ଧି ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ସେ ତାଙ୍କ ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରୁ ଏକ ପୋଷ୍ଟରେ ଲେଖିଛନ୍ତି, ଯେତେବେଳେ ସରକାର ବଦଳିବ, ଯେଉଁମାନେ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000





# ବିବାଦୀୟ ସ୍ଥାନରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ବିରୋଧ କରି ତହସିଲ ସମ୍ମୁଖରେ ଧାରଣା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଞ୍ଚାୟତ ସାଙ୍କିଲୋସ୍ଥିତ ଉପସ୍ୱାସ୍ଥ୍ୟକେନ୍ଦ୍ରର ବିବାଦୀୟ ଗୃହ ନିର୍ମାଣକୁ କେନ୍ଦ୍ରକରି ସମିତି ସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱରେ ବହୁ ସମର୍ଥକ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଜାରି ରଖିଛନ୍ତି। ସାଙ୍କିଲୋ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ କେଣ୍ଡାଲୋ, କଟରପଡା ଗ୍ରାମପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨ ପଞ୍ଚାୟତର ସଙ୍ଗମସ୍ଥଳ ସାଙ୍କିଲୋ ଠାରେ ଚାଲୁରହିଛି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ୪୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଠିକାଦାର ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ସ୍ଥାନରେ ଗୃହ ନିର୍ମାଣ କରିବା ପରିବର୍ତ୍ତେ ଅନ୍ୟଏକ ସ୍ଥାନରେ ଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି। ଏହି ସ୍ଥାନକୁ ଯିବା ନିମନ୍ତେ କୌଣସି ସରକାରୀ ରାସ୍ତା ନଥିଲାବେଳେ ନିର୍ମାଣାଧିନ ଜମିର କିସମ ମଧ ପରିବର୍ତ୍ତନ କରାଯାଇ ନାହିଁ। ଠିକାଦାର ମନମୁଖୀ ଭାବେ ଗୃହ ନିର୍ମାଣ କରୁଥିବାର ପ୍ରତିବାଦରେ ଆମରଣ ଅନଶନ ନିମନ୍ତେ କଟରପଡା ସମିତି ସଭ୍ୟା ସ୍ୱାଗତିକା ନାୟକ ପ୍ରଶାସନକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ମାତ୍ର ପ୍ରଶାସନ ତରଫରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ବରଂ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଶାସନ ତରଫରୁ ପ୍ରଦର୍ଶନ କରାଯାଇଥିଲା। ଏହାର ପ୍ରତିବାଦରେ ବୁଧବାର ସମିତି ସଭ୍ୟା ସ୍ୱାଗତିକା ନାୟକ ଓ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମର ବହୁ ମହିଳା ଓ ପୁରୁଷ ଆମରଣ ଅନଶନ ଜାରି ରଖିଥିବାର ଜଣାଯାଇଛି। ତେବେ ଜଣେ ନିର୍ବାଚିତ ମହିଳା ଲୋକପ୍ରତି ଆମରଣ ଅନଶନ ଜାରି ରଖିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଘଟଣାର ସମାଧାନ କରିବା ତ ଦୂରର କଥା ଏପରିକି ଘଟଣାସ୍ଥଳକୁ ମଧ ଯାଇନଥିଲେ। ରିପୋର୍ଟ ଲେଖାହେଲା ବେଳକୁ ଆମରଣ ଅନଶନ ଜାରି ରହିଥିବାର ଜଣାଯାଇଛି। ତେବେ ସମିତିସଭ୍ୟାଙ୍କ ଜୀବନପ୍ରତି ବିପଦର ଆଶଙ୍କା ଥିବା କାରଣରୁ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବା ସହ ସ୍ୱାସ୍ଥ୍ୟପରୀକ୍ଷା ନିମନ୍ତେ ସ୍ୱାସ୍ଥ୍ୟବିଭାଗକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

## ବଘିଆପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ପକ୍ଷ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବଘିଆପଡା ଅଙ୍ଗନୱାଡ଼ି ସେକ୍ଟର ଠାରେ ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ୍ ସିଡିପିଓ ମିନତି ଦେଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ପୋଷଣ କାର୍ଯ୍ୟକ୍ରମର ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜିକା ବର୍ଷାରାଣୀ ଦାନୀ, ବଘିଆପଡ଼ା ସୁପରଭାଇଜର କମଳିନୀ ମିଶ୍ର ଓ ବାଉଁଶୁଣୀ ସୁପରଭାଇଜର ଲିଲି ବେରିହା ମଧ ଉପସ୍ଥିତ ଥିଲେ। ଏହି ଅବସରରେ ଶିଶୁ ମେଳା ଅନୁଷ୍ଠିତ ହେବା ସହ କିଶୋରୀ ବାଳିକା ଓ ମାଆ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କିଶୋରୀମାନଙ୍କୁ ନିଜ ଖାଦ୍ୟପେୟ ଠିକ୍ ରଖିବାକୁ ପରାମର୍ଶ ଦିଆଯାଇଥିଲା।

# କେଜ୍ରିୱାଲଙ୍କ ମୁକ୍ତି ଦାବିରେ ଆପ୍ ଓ ଇଣ୍ଡିଆ ମେଣ୍ଟର ବିକ୍ଷୋଭ

**କଟକ, ନ୍ୟୁଜ୍‌ବ୍ୟୁରୋ**




ଦିଲ୍ଲୀରେ ତିନି ଥର ନିର୍ବାଚିତ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କର ଗିରଫଦାରିର ପ୍ରତିବାଦରେ ଏବଂ ତାଙ୍କୁ ଅବିଳମ୍ବେ ମୁକ୍ତି ଦେବା ଦାବିରେ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଇଣ୍ଡିଆ ମେଣ୍ଟ ଅନ୍ତର୍ଭୁକ୍ତ ରାଜନୈତିକ ଦଳ ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପୂର୍ବରୁ ଏସ୍‌ପି ଅଫିସ ଗଡ଼ାରୁ ଏକ ପଟୁଆର ବାହାରି ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶର ସଂଯୋଜନା କରିଥିଲେ। ଆମ୍ ଆଦ୍‌ମୀ ପାର୍ଟିର କଟକ ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପରିଡ଼ା, ସିପିଆଇର ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଏବଂ ସିପିଆଇଏମ୍‌ର ଜିଲ୍ଲା ସମ୍ପାଦକ ବଦ୍ରି ନାରାୟଣ ଦାସ ଏଥିରେ ସର୍ବଶ୍ରୀ ସଞ୍ଜୀବ ପରିଡ଼ା, ବିକାଶ ମହାପାତ୍ର, ଜିଲ୍ଲା ସମ୍ପାଦକ ଅମିତ ମହାପାତ୍ର ସନ୍ତୋଷ ବେହେରା, ଡଲି ଜେନା, ବିଜୟଲକ୍ଷ୍ମୀ ମହାପାତ୍ର, ସାରଦା ଦାସ, ରବି ନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର, କ୍ରିଷ୍ଟପ୍ରିୟା ମିଶ୍ର, ଆଶୁତୋଷ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖି କହିଥିଲେ ଯେ ନିର୍ବାଚନବଣ୍ଡକୁ ଅସିଦ୍ଧ ଘୋଷଣା କରି ସମସ୍ତ ଅବୈଧ ପାଣ୍ଠିର ତଥ୍ୟ ସାର୍ବଜନୀନ କରିବା ପାଇଁ ସୁପ୍ରିମକୋର୍ଟର ଛାଟ ପଡ଼ିବା ପରେ ମୋଦି ସରକାରର ଅସଲ ମୁଖା ଖୋଲିଯାଇଛି। ଆସନ୍ତା ନିର୍ବାଚନରେ ନିଶ୍ଚିତ ପରାଜୟର ଆଶଙ୍କାରେ ଛାନିଆ ହୋଇ ଔଷଧ ବିକଳରେ ତାଟିଆ କାମୁଡ଼ିବା ପରି ଇଡି, ସିବିଆଇ ଓ ଆୟକର ବିଭାଗକୁ ଲଗାଇ ବିରୋଧୀ ଦଳର ମୁଖିଆମାନଙ୍କୁ ଜେଲ୍‌ରେ ପୁରାଉଛନ୍ତି। ଯେଉଁ ମଦ ମାଫିଆ ଅରବିନ୍ଦୋ ଫର୍ମାର ମାଲିକ ସରଥ ଚନ୍ଦ୍ର ରେଡିକୁ ଅବୈଧ ଅର୍ଥ ଚାଳନା ଅପରାଧରେ ଗିରଫ କରାଯାଇଥିଲା ତାକୁ ଡରେଇ, ଧମକେଇ ରାଜ ସାକ୍ଷୀ କରାଯାଇଛି। ତା'ଠାରୁ ୫୯. ୫ କୋଟି ଟଙ୍କା ନିର୍ବାଚନ ବଣ୍ଡ ଚାନ୍ଦା ନେଇ ମୋଦି ସରକାର ତାକୁ ରାଜକ୍ଷମା ଦେଇଛନ୍ତି। ଅଥଚ ତା'ରି ବୟାନ ଭିତ୍ତିରେ କେଜ୍ରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଛି। ଅରବିନ୍ଦ କେଜ୍ରିୱାଲଙ୍କ ସମେତ ବିରୋଧୀ ଦଳର ଗିରଫ ହୋଇଥିବା ସମସ୍ତ ନେତାଙ୍କୁ ଅବିଳମ୍ବେ ଖଲାସ କରିବାକୁ ଦାବି କରିବା ସହିତ ଆଗାମୀ ନିର୍ବାଚନରେ ମୋଦି ସରକାର ଓ ତା'ର ନିର୍ଲଜ ମିତ୍ରମାନଙ୍କୁ ପରାସ୍ତ କରିବା ପାଇଁ ବକ୍ତାମାନେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ଦଳର ଶହ ଶହ କର୍ମୀ ଯୋଗ ଦେଇଥିଲେ।

# କୃଷି ସମବାୟ ସମିତିରେ ଋଣ ଆଦାୟ ମେଳା




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଥିବା କୃଷି ସମବାୟ ସମତିତିରେ ଋଣ ଆଦାୟ ମେଖା ଅନୁଷ୍ଠିତ ହୋଇଯାଇଛି। ଭରତପୁର ସମିତିର ସଭାପତି ବସନ୍ତ କୁମାର ରାଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଋଣ ଆଦାୟ ମେଳାର କଟକ ସିସିସିବିର ସଂପାଦକ ସୁବୋଧ କୁମାର ଲେଙ୍କା, ନିର୍ଦ୍ଦେଶକ ଅକ୍ଷୟ କୁମାର ମନ୍ତ୍ରୀ, ଅଗସ୍ତୀ ସେଣ, ସାରାଦା ପ୍ରସନ୍ନ ରାଉତ ଶ୍ରୀଧର ସାମଲ ପ୍ରମୁଖ ଉପସ୍ଥିତ ରହି ୫୬୮ ଜଣଙ୍କ ଚାଷୀଙ୍କ ଠାରୁ ୩୦ ଲକ୍ଷ ଟଙ୍କା ଆଦାୟ କରିଥିବା ଜଣାପଡିଛି। ସେହିପରି ଓସ୍ତପୁର ସମତିରେ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂପାଦକ ପ୍ରେମାନ ସାହୁ, ଉପ ସଭାପତି କନକଲତା ସ୍ୱାଇଁ, ୩୪୦ ଜଣ ଚାଷୀଙ୍କ ଠାରୁ ଋଣ ବାବଦକୁ ୧୪ ଲକ୍ଷ ୨୨ ହଜାର ଟଙ୍କା ଆଦାୟ କରିଛନ୍ତି। ନିର୍ଦ୍ଦେଶକ ଶରତ ଦାସ, କବି ପ୍ରସାଦ ବିଶ୍ୱାଳ, କୈଳାସ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାରୁଅ ସମବାୟ ସମିତିରେ ସଭାପତି ନାରାୟଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଋଣ ମେଳାରେ ସଂପାଦକ ଶ୍ରୀହର୍ଷ ମହାନ୍ତି, ନିର୍ଦ୍ଦେଶକ ଚିତ୍ରସେନ ପରିଡା, ରଘୁନାଥ ପଣ୍ଡା, ଦେବଦାସ ପଣ୍ଡା, ସଖୀ ରାଉତ, ପର୍ଶୁରାମ ପରିଡା, ସନ୍ତୋଷ ଲେଙ୍କା ଶ୍ରୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ୮୦୦ ଚାଷୀଙ୍କ ଠାରୁ ୩୨ ଲକ୍ଷ ଟଙ୍କା ଋଣ ବାବଦକୁ ଅଦାୟ କରିଥିବା ଜଣାପଡିଛି। ସେହିପରି ବଗଡା କୃଷି ସମବାୟ ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଋଣ ମେଳାରେ ୯୪ ଚାଷୀଙ୍କ ଠାରୁ ୧୧.୭୫ ଲକ୍ଷ ଟଙ୍କା ଋଣ ବାବଦକୁ ଅଦାୟ କରିଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ସଂପାଦକ କାଳନ୍ଦୀ ଚରଣ ବିଶ୍ୱାଳ, ସହ ସଂପାଦକ ଦୟାନିଧି ଜେନା, ସଂଘମିତ୍ରା ସ୍ୱାଇଁଙ୍କ ସମେତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ବୁଲେଟ୍ ରାଣୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ତିନିମୁହାଣୀ ଠାରେ ସୁଦୂର ତାମିଲନାଡୁରୁ ନିଜର ଯାତ୍ରା ଆରମ୍ଭ କରିଥିବା ସ୍ୱାଧି ରାଜଲକ୍ଷ୍ମୀ ଗତ ଫେବୃଆରୀ ୧୨ ତାରିଖରୁ ଏପ୍ରିଲ ୧୮ ତାରିକ ପର୍ଯ୍ୟନ୍ତ ବୁଲେଟ୍‌ରେ ୧୫ଟି ରାଜ୍ୟ ଭ୍ରମଣ କରି ୨୧ ହଜାର କି.ମି ରାସ୍ତା ଅତିକ୍ରମ କରି ନୂଆ ଦିଲ୍ଲୀରେ ପହଁଚିବେ। ବିଜେପି ଓ ନରେନ୍ଦ୍ର ମୋଦିଙ୍କୁ ଭୋଟ ଦେବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଲେଟ ରାଣୀ ସ୍ୱାଧି ରାଜଲକ୍ଷ୍ମୀ ତାଙ୍କର ଯାତ୍ରା ଆରମ୍ଭ କରିଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଠାରେ ପହଞ୍ଚିବା ପରେ ସ୍ଥାନୀୟ ତିନିମୁହାଣୀ ଠାରେ ରାମ ଶ୍ରୀମନ୍ଦିର ପରିସରରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ତରଫରୁ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ମହାରଣାଙ୍କ ସମେତ ବିଜେପି ଜିଲ୍ଲା ଉପ ସଭାପତି ସଂଜୟ କୁମାର ରଥ, ସାଧାରଣ ସଂପାଦକ ଅମିତାବ ସୁଆର, ନେହେରୁ ସାହୁ, ରାଜେନ୍ଦ୍ର ପତି, ବିଶ୍ୱ ରଂଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍‌ରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଶିକ୍ଷା ଓ ଅନୁସନ୍ଧାନ ପରିଚାଳିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପରିସରରେ ବୁଧବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ୍‌ର ପଲ୍‌ମୋନାରୀ ମେଡିସନ୍ ବିଭାଗ ଦ୍ୱାରା ଆୟୋଜିତ 'ବିଶ୍ୱ ଯକ୍ଷ୍ମା ଦିବସ'କୁ ମାର୍ଚ୍ଚ ୨୭ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଧରି ପାଳନ କରାଯିବ। ପ୍ରଥମ ଦିନରେ ଏକ ମେଗା ସଚେତନତା ରାଲି ର ଆୟୋଜନ କରାଯାଇଥିଲା। ଏହି ରାଲିରେ ପଲ୍‌ମୋନାରୀ ମେଡିସନ୍ ବିଭାଗର ସମସ୍ତ ଫ୍ୟାକଲ୍ଟି, ପିଜି, ନର୍ସିଂ ଓ ଡାକ୍ତରୀ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଟିବି ବା ଯକ୍ଷ୍ମା ଗୋଟିଏ ଜୀବାଣୁ ଜନିତ ରୋଗ ହୋଇଥିବା ବେଳେ ଏହାକୁ କିପରି ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରିତ କରି ଚିକିତ୍ସା କରାଯାଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ ଡାକ୍ତରଙ୍କ ପରାମର୍ଶ ଦ୍ୱାରା ଏହାର ଚିହ୍ନଟ କରିବା ଓ ଠିକ୍ ଭାବରେ ଔଷଧ ସେବନ କରି ରୋଗୀ କିପରି ସଂପୂର୍ଣ୍ଣ ରୋଗମୁକ୍ତ ହୋଇ ସ୍ୱାଭାବିକ ଭାବରେ ଜୀବନ ଯାପନ କରି ପାରିବେ ସେ ବିଷୟରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶେଷଜ୍ଞ ମାନେ ମତ ରଖିଥିଲେ। ହସ୍ପିଟାଲ ପକ୍ଷରୁ ଆୟୋଜିତ ଏହି ସଚେତନତା ରାଲି ରେ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ପିଜି ଡିପାର୍ଟମେଣ୍ଟ ଅଫ୍ ପଲ୍‌ମୋନାରୀ ମେଡିସିନ୍‌ର ମୁଖ୍ୟ ପ୍ରଫେସର ବନାନୀ ଜେନା, ଏଣ୍ଡୋକ୍ରିନୋଲୋଜି ବିଭାଗର ଡାକ୍ତର ଜୟଶ୍ରୀ ସ୍ୱାଇଁ, ପଲ୍‌ମୋନାରୀ ମେଡିସନ୍ ବିଭାଗର ଡାକ୍ତର ରାଖି ଲୁଦାମ୍, ଡାକ୍ତର ପ୍ରଜ୍ଞା ବେହେରା, ଡାକ୍ତର ସୋନାଲି ପରିଡା, ଡାକ୍ତର ପ୍ରିତମ୍ ଛୋଟରାୟ, ଡାକ୍ତର ଖିରୋଦ ଚନ୍ଦ୍ର ସାହୁ, ଡାକ୍ତର ଅମ୍ଲାନ ମିଶ୍ର, ଡାକ୍ତର ସୋନାଲି ମଲ୍ଲିକ, ଡାକ୍ତର ପ୍ରଜ୍ଞା ରାଉତ, ଡାକ୍ତର ସୌରଭ ମିଶ୍ର, ଡାକ୍ତର କେ.ଭାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନ ଧରଣର ହୋଲି ପାଳିଲେ ପୁରାତନ ଛାତ୍ର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ଏକ ନିଆରା ଢଙ୍ଗରେ ପବିତ୍ର ହୋଲି ଉତ୍ସବରେ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୯ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀର କଦମ୍ବକଣ୍ଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ପ୍ରମୋଦ କୁମାର ସ୍ୱାଇଁ, ଗିରିଜା ଭୂଷଣ ରାଉତ, କମଳ କୁମାର ନାୟକ, ନରେନ୍ଦ୍ର ମହାନ୍ତି, ଅଜୟ ରାଉତ, ଚିତ୍ତରଞ୍ଜନ ସାହୁ, ସତ୍ୟଜିତ ନାୟକ, ସନ୍ତୋଷ କୁମାର ସାହୁ,ମନୋରଞ୍ଜନ ଦାସ, ଅଶୋକ କୁମାର ବେହେରା, ସ୍ମୃତିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ବାରିକ, ହେମନ୍ତ କୁମାର ସାହୁ, ଜନ୍ମେଜୟ ମଲ୍ଲ ପ୍ରମୁଖ ବହୁ ପୁରାତନ ଛାତ୍ରମାନେ ବନ୍ଧୁମିଳନ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରମାନେ ପରସ୍ପର ମଧ୍ୟରେ ବନ୍ଧୁତ୍ୱର ଭାବ ଆଦାନ ପ୍ରଦାନ କରିବା ସହ ପରସ୍ପର ମଧ୍ୟରେ ରଙ୍ଗ ଖେଳିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସେମିନାର୍



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ତୁଳସୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ନାରୀବାଦ : ଦର୍ଶନ ଓ ରୂପାୟନ' ଉପରେ ଏକ ଆଲୋଚନା ଚକ୍ର ଅଧ୍ୟକ୍ଷ ପ୍ରଫେସର୍ ରିତ୍ ରନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ସନ୍ତୋଷ କୁମାର ରଥ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ନାରୀବାଦର ଇତିହାସ ଓ ବର୍ତ୍ତମାନ ସମାଜରେ କାର୍ଯ୍ୟକାରିତା ଉପରେ ସାରଗର୍ଭକ ଓ ତଥ୍ୟ ଆଧାରିତ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଡ ଅମିୟ କୁମାର ମହାନ୍ତି ନାରୀବାଦର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ ମଥୁରି ଚରଣ ନାୟକ ଆଲୋଚନାର ଶୈକ୍ଷିକ ଦିଗ ଉପରେ ଆଲୋଚନା କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏକାଡେମିକ୍ ବର୍ସାର୍ ଜ୍ୟୋତ୍ସ୍ନାମୟୀ ପତି ନାରୀବାଦର ଯୁଗୋପଯୋଗୀ ପ୍ରୟୋଗ ଉପରେ ବକ୍ତବ୍ୟ ରଖିଥିଲେ। ଡ ସୁଜାତା ଭଞ୍ଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରରେ କଣ୍ଢେଇ ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ବିକାଶ ସମିତି ଓଡିଶାର ଯୋଜନା ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧଠାରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା ପ୍ରମୁଖ ନବୀନ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଚାଲିଥିଲା। ଶିଶୁମାନେ କଣ୍ଢେଇ ପ୍ରିୟ ଓ ପ୍ରତ୍ୟେକ ଗୋଟିଏ ଲେଖାଏଁ କଣ୍ଢେଇ। ତେଣୁ କଣ୍ଢେଇ ମାଧ୍ୟମରେ ଶିଶୁଙ୍କୁ ଶିକ୍ଷାଦାନ କଲେ ତାହା ଜୀବନ୍ତ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟରେ 'କଣ୍ଢେଇ ପ୍ରଦର୍ଶନୀ' ହୋଇଥିଲା। ଶେଷରେ ଶିକ୍ଷକ ନବୀନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରବତ୍ସଳ ଶିକ୍ଷାବିତ୍‌ଙ୍କ ପରଲୋକ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ବୃନ୍ଦାବନ ପାଣିଗ୍ରାହୀଙ୍କ ୭୬ ବର୍ଷ ବୟସରେ ପବିତ୍ର ଦୋଳଯାତ୍ରା ଉଦ୍‌ଯାପନ ସମାରୋହ ସମୟରେ ପରଲୋକ ଘଟିଛି। ଯାହାକୁନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ ଶରୀରକୁ ପୁଣ୍ୟତୋୟା ଋଷିକୁଲ୍ୟା ନଦୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କର ପୁତ୍ର ସମ୍ବାଦିକ ତଥା ଗଞ୍ଜାମ ପ୍ରେସ କ୍ଲବ୍‌ର କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ଜଣେ ପରୋପକାରୀ, ଛାତ୍ରବତ୍ସଳ, ମିଷ୍ଟଭାଷୀ, ଧର୍ମ ପରାୟଣ, ସ୍ପଷ୍ଟବାଦୀ, ଶାନ୍ତ ସ୍ୱଭାବ ପ୍ରକୃତିର ବ୍ୟକ୍ତିତ୍ୱ ରହିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହରର ଦୁର୍ଗାଦେବୀ ସାହି ସ୍ଥିତ ତାଙ୍କ ବସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ।

# ବିଜେପିରେ ଯୋଗଦେଲେ ସମାଜସେବୀ ତଥା ସାମ୍ବାଦିକ ବିଭୁଦତ୍ତ ବୋଷ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧଜିଲ୍ଲାର ଜଣାଶୁଣା ସମାଜସେବୀ, ଧାରାବାହିକ ଅଭିନେତା ତଥା ହରଭଙ୍ଗା ବ୍ଲକ୍ ବଡଖବର ଟିଭିର ସାମ୍ବାଦିକ ବିଭୁଦ ବୋଷ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସୁବାଷ ପ୍ରଧାନଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ଶୁକ୍ରବାର ଦିନ ବିଜେପି ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀ ବୋଷ ଦୀର୍ଘ ବର୍ଷ ଧରି ବିଭିନ୍ନ ସମାଜସେବା କ୍ଷେତ୍ରରେ ସହାୟତା ହାତ ବଢ଼ାଇ ଆସୁଥିବା ବେଳେ ବିଗତ ବର୍ଷରେ କଳାହାଣ୍ଡି ଜିଲ୍ଲା ମହୋନ ଗିରି (ରାମପୁର) ସାମ୍ବାଦିକ ରୋହିତ ବିଶ୍ୱାଳ ମାଓବାଦୀ ଲେଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ବାପା ଚାଲିଗଲା ପରେ ତାଙ୍କର ଏକ ମାତ୍ର ଝିଅ ଆଦ୍ୟାସା ବିଶ୍ୱାଳଙ୍କ ପାଠପଢାରେ ଆର୍ଥିକ ଅସୁବିଧାକୁ ବୁଝିପାରି ଯୁକ୍ତ ୨ରୁ +୩ ପର୍ଯ୍ୟନ୍ତ ପ୍ରତି ମାସରେ ୧୫୦୦ଟଙ୍କା ୫ବର୍ଷ ପର୍ଯ୍ୟନ୍ତ ସାହାଯ୍ୟର ହାତ ବଢାଇବା ପାଇଁ ପ୍ରତିଶୃତି ଦେଇ ୨୦୨୩ ଜାନୁଆରୀ ମାସଠାରୁ ଆଜିପର୍ଯ୍ୟନ୍ତ ପ୍ରତି ମାସରେ ନିଜ ପ୍ରତିଶୃତି ରକ୍ଷାକରି ଆସିଛନ୍ତି। ଅନ୍ୟ ପଟେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନୀତି ଆଦର୍ଶ ତଥା ବିକଶିତ ଭାରତ ଗଠନରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଥିବା ଓ ସାରାଜୀବନ ଦୁଃଖୀରଙ୍କଙ୍କ ସେବା କରିବା କହିଛନ୍ତି ବୋଷ। ଦଳରେ ଏକ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିବା ସହିତ ଆଗମୀ ସାଧାରଣ ନିର୍ବାଚନରେ ବୌଦ୍ଧରେ ବିଜେପି ପ୍ରାର୍ଥୀ କିଭଳି ବହୁ ସମର୍ଥନରେ ବିଜୟୀ ହେବେ ସେ ନେଇ ଆପ୍ରାଣ ଉଦ୍ୟମ କରିବା ସହିତ ବୌଦ୍ଧରେ ଦଳ ନିମନ୍ତେ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ସଂକଳ୍ପ ନେଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ବିଭୁଦତ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ଜଣାପଡିଛି।

# ଗଞ୍ଜାମର ପ୍ରସିଦ୍ଧ ଦୋଳଯାତ୍ରା ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ମନ୍ଦିର ମାଳିନୀ ଗଞ୍ଜାମ ସହରରେ ପ୍ରସିଦ୍ଧ ଦୋଳଯାତ୍ରା ଉଦଯାପିତ ହୋଇଯାଇଛି। ଗଞ୍ଜାମ ସହର ସମେତ ଦାମୋଦରପୁର, ପୁଇଁତୋଳା, ବିଛଣାପଲ୍ଲୀ ସୂର୍ଯ୍ୟନାରାୟଣ ପୁର ପ୍ରମୁଖ ଗ୍ରାମ ର ୧୬ଗୋଟି ଠାକୁର ଙ୍କୁ ନେଇ ପ୍ରସିଦ୍ଧ ଦୋଳଯାତ୍ରା ଅନୁଷ୍ଠିତ ହୋଇଥିଲା। ରାମାୟଣ, ଭରାତଲୀଳା, ପ୍ରହଲ୍ଲାଦ ନାଟକ, ଗାହାଣି ଆଦି ବିଭିନ୍ନ ନାଟକ ପରିବେଷଣ ହୋଇଥିଲା। ରବିବାର ରାତ୍ର ରେ ବିରାଟ ପାଟୁଆର ରେ ଠାକୁର ମାନେ ସୁସଜ୍ଜିତ ଦୋଳବିମାନ ରେ ଉପବେଶନ ହୋଇ ଠାକୁର ମାନେ ବଡ଼ ବଜାର ଯାତ୍ରା ସ୍ଥଳକୁ ପାଛୋଟି ଅଣାଯିବା ପରେ ପୁରୁଣା ଜଗନ୍ନାଥ ମନ୍ଦିର ରୁ ପୋହଲା ବାହାରି ଯାତ୍ରାସ୍ଥଳ ପରିକ୍ରମା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଜନ ସମାଗାମ ହୋଇଥିଲା। ସୋମବାର ସାଧରେ ପୁଣି ଠାକୁର ମାନଙ୍କୁ ଫଗୁ ରଙ୍ଗ ଖେଳିବା ସହ ଶ୍ରଦ୍ଧାଳୁ ମାନେ ନିଜ ନିଜ ନିଜ ମନ୍ଦିର ଅଭିମୁଖେ ନୃତ୍ୟ ପ୍ରଦର୍ଶନ ପୂର୍ବକ ପାଛୋଟି ନେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ଠାକୁର ଙ୍କୁ ଚଣା, ସାକାର ଓ କଷି ଆମ୍ବ ଭୋଗ ନୈବେଦ୍ୟ ସମର୍ପଣ ପୂର୍ବକ ପରାମ୍ପାରିକ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଗଳା କୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର ଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

# ସମ୍‌ରେ ପୁଣି ଅଙ୍ଗଦାନ : ଅନ୍ୟ ରାଜ୍ୟକୁ ପଠାଗଲା ବ୍ରେନ୍ ଡେଡ୍ ରୋଗୀଙ୍କ ଶରୀରର ଅଙ୍ଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ନଅ ମାସ ବ୍ୟବଧାନ ମଧ୍ୟରେ ଏଠାରେ ସମ୍ ଅଲ୍‌ଟିମେଟ୍ ମେଡିକେୟାର ଠାରେ ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ କେତେକ ଅଙ୍ଗ ବାହାର କରାଯାଇ ଦ୍ୱିତୀୟ ଥର ପାଇଁ ରାଜ୍ୟ ବାହାରେ ଗୁରୁତର ଥିବା ଦୁଇ ଜଣ ରୋଗୀଙ୍କୁ ନୂତନ ଜୀବନ ଦେବା ପାଇଁ ପଠାଯାଇଛି। କୃଷ୍ଣ ଚନ୍ଦ୍ର ମହାଭୋଇ ନାମକ ୪୮ ବର୍ଷୀୟ ଜଣେ ସିଆର୍‌ପିଏଫ୍ ଯବାନଙ୍କର ବୃକକ୍ ଅକାମି ହୋଇଯାଇଥିବାରୁ ସମ୍ମ୍‌ରେ ମାର୍ଚ୍ଚ ୨୦ ତାରିଖରୁ ଚିକିତ୍ସିତ ହେଉଥିଲେ। ମାର୍ଚ୍ଚ ୨୩ ତାରିଖରେ ତାଙ୍କୁ ବ୍ରେନ୍ ଡେଡ୍ ହୋଇଥିବା ଜଣାପଡ଼ିଥିଲା। ଏହି ରୋଗୀଙ୍କର ପୂର୍ବରୁ ନିୟମିତ ଡାଏଲିସିସ କରାଯାଉଥିଲା ଏବଂ ସେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବା ସହ ତାଙ୍କର ସବ୍‌ଡୁରାଲ୍ ହେମୋରେଜ୍ ହୋଇଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ରବିବାର ସକାଳେ ଏକ ଆପନିଆ ଟେଷ୍ଟ କରି ସେ ବ୍ରେନ୍ ଡେଡ୍ ହୋଇଯାଇଥିବା ଘୋଷଣା କରିଥିଲେ। ରୋଗୀଙ୍କ ପରିବାରବର୍ଗ ରୋଗୀ ବ୍ରେନ୍ ଡେଡ୍ ହୋଇଯାଇଥିବା ଜାଣି ତାଙ୍କ ଶରୀରର ଅଙ୍ଗ ଦାନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ଏବଂ ଏ ନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବୋଲି ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ପୁଅ ସତ୍ୟବ୍ରତ ମହାଭୋଇ କହିଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷ ତୁରନ୍ତ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ) ସହ ଯୋଗାଯୋଗ କରିବା ପରେ ରିଜିଓନାଲ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗନାଇଜେସନ୍ (ରୋଟୋ) ଓ ନ୍ୟାସ୍‌ନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ନୋଟୋ) ସହ ସମ୍ପର୍କ ସ୍ଥାପନ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କର ଅଙ୍ଗଗୁଡ଼ିକର ପରୀକ୍ଷା କରାଯାଇଥିବା ବେଳେ ପ୍ରତ୍ୟାରୋପଣ ନିମନ୍ତେ ରୋଗୀଙ୍କର ଯକୃତ ଓ ହୃତ୍‌ପିଣ୍ଡ ବ୍ୟବହାର କରାଯାଇପାରିବ ବୋଲି ଜଣାପଡ଼ିଥିଲା। ନୋଟୋର ନିଷ୍ପତ୍ତି ଅନୁଯାୟୀ ଯକୃତକୁ ମୁମ୍ବାଇର ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଚିକିତ୍ସାଧିନ ଥିବା ଜଣେ ରୋଗୀଙ୍କ ଶରୀରରେ ଏବଂ ହୃତ୍‌ପିଣ୍ଡକୁ କୋଲକାତାର ମେଡିକା ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌ରେ ଚିକିତ୍ସାଧିନ ଅନ୍ୟ ଜଣେ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପଠାଯାଇଛି। ଏହି ଦୁଇଟି ହସ୍ପିଟାଲ୍‌ର ମେଡିକାଲ୍ ଟିମ୍ ସୋମବାର ଭୁବନେଶ୍ୱରରେ ପହଞ୍ଚି ସମ୍ମ୍ ସର୍ଜନଙ୍କ ଉପସ୍ଥିତିରେ ଅଂଗଗୁଡ଼ିକୁ ରୋଗୀଙ୍କ ଶରୀରରୁ କାଢ଼ିଥିଲେ। ସ୍ଥାନୀୟ ପୋଲିସ୍‌ଙ୍କ ସହାୟତାରେ ଦୁଇଟି ଅଂଗକୁ ଅନ୍ୟ ଦୁଇ ସହରକୁ ନେବା ନିମନ୍ତେ ହସ୍ପିଟାଲ୍ ଠାରୁ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସ୍‌ନାଲ୍ ଏୟାରପୋର୍ଟରେ ସୁରୁଖୁରରେ ପହଞ୍ଚାଇବା ନିମନ୍ତେ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯାଇଥିଲା। ସମ୍ମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି ଯେ ଦ୍ୱିତୀୟ ଥର ପାଇଁ ସମ୍ମ୍‌ରୁ ଜଣେ ବ୍ରେନ୍ ଡେଡ୍ ରୋଗୀଙ୍କ ଶରୀରରୁ ବିଭିନ୍ନ ଅଙ୍ଗ କଢ଼ାଯାଇ ପ୍ରତ୍ୟାରୋପଣ ନିମନ୍ତେ ଅନ୍ୟ ହସ୍ପିଟାଲ୍‌କୁ ପଠାଯାଇଛି। ଗତ ବର୍ଷ ଜୁନ ମାସ ୨୪ ତାରିଖରେ ସମ୍ମମ୍‌ରେ ଜଣେ ବ୍ରେନ୍ ଡେଡ୍ ରୋଗୀଙ୍କ ଶରୀରରୁ ଯକୃତ, ଫୁସ୍‌ଫୁସ୍ ଓ ବୃକକ୍‌କୁ କଢ଼ାଯାଇ ପ୍ରତ୍ୟାରୋପଣ ନିମନ୍ତେ ତିନୋଟି ଭିନ୍ନ ଭିନ୍ନ ସହରକୁ ପଠାଯାଇଥିଲା। ତେବେ ଗତଥର ସମ୍ପୃକ୍ତ ହସ୍ପିଟାଲ୍ ହୃତ୍‌ପିଣ୍ଡ ନେବାରେ ସଫଳ ହୋଇ ନଥିବା ବେଳେ ହସ୍ପିଟାଲ୍‌ରୁ ଏଥର ପ୍ରଥମ ଥର ପାଇଁ ହୃତ୍‌ପିଣ୍ଡ ଓଡ଼ିଶା ବାହାରକୁ ଯାଇପାରିଛି ବୋଲି ସେ କହିଥିଲେ। ସୋଟୋରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଥର ପାଇଁ କୌଣସି ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ହୃତ୍‌ପିଣ୍ଡ କଢ଼ାଯାଇ ଓଡ଼ିଶା ବାହାରକୁ ଅନ୍ୟ ଗୁରୁତର ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପଠାଯାଇଛି। ଏଭଳି ଉଦ୍ୟମ ଜୀବନକୁ ନୂଆ ରୂପ ଦେବାରେ ସମ୍ମମ୍‌ର ପ୍ରତିବଦ୍ଧତାକୁ ସୂଚାଉଥିବା ବେଳେ ଏହି ପ୍ରକ୍ରିୟାକୁ ଜାରି ରଖିବା ନେଇ ହସ୍ପିଟାଲ୍ ପକ୍ଷରୁ ଆହୁରି ପ୍ରୟାସ କରାଯିବ ବୋଲି ସେ କହିଥିଲେ। ଏହା ସହିତ ଆମେ ରୋଗୀଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ନିଃସ୍ୱାର୍ଥପର ନିଷ୍ପତ୍ତି ନିମନ୍ତେ ଧନ୍ୟବାଦ ଜଣାଉଛୁ। ସେମାନଙ୍କ ନିଷ୍ପତ୍ତି ଯୋଗୁ ହିଁ ଏହି ଅଙ୍ଗଦାନ ସଫଳ ହୋଇପାରିଛିନ୍ତ ବୋଲି ଡକ୍ଟର ଦାଶ କହିଛନ୍ତି। ସାରା ଦେଶ ରଙ୍ଗର ପର୍ବ ହୋଲି ପାଳନ କରୁଥିବା ସମୟରେ ଏଭଳି କାର୍ଯ୍ୟ ଦୁଇଟି ପରିବାର ଜୀବନରେ ଅନେକ ରଙ୍ଗ ଭରିଦେଇ ପାରିଛି ବୋଲି ସେ କହିଛନ୍ତି। ସମ୍ମମ୍ ବର୍ଷ ତମାମ୍ ଅଙ୍ଗଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ଲୋକାଭିମୁଖୀ କରିବା ପାଇଁ ପ୍ରୟାସ ଜାରି ରଖିଛି। ଗତବର୍ଷ ଅଗଷ୍ଟ ମାସରେ ହସ୍ପିଟାଲ୍ ପକ୍ଷରୁ 'ଅଙ୍ଗଦାନ ମହୋତ୍ସବ' ପାଳନ କରାଯାଇଥିବା ବେଳେ କର୍ମଚାରୀମାନଙ୍କ ଦ୍ୱାରା ଲୋକଙ୍କ ମଧ୍ୟରେ ଅଂଗଦାନ ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ 'ମୃତ୍ୟୁ ପରେ ଜୀବନ' ନାମକ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସମ୍ପୃକ୍ତ ବ୍ରେନ୍ ଡେଡ୍‌ଙ୍କ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗଗୁଡ଼ିକୁ କନ୍‌ସଲ୍‌ଟାଣ୍ଟ ନେଫ୍ରୋଲୋଜିଷ୍ଟ ଡାକ୍ତର ତାପସ କୁମାର ବେହେରା ଏବଂ କ୍ରିଟିକାଲ୍ କେୟାର ବିଭାଗର ମୁଖ୍ୟ ଡାକ୍ତର ବାନାମ୍ବର ରାୟଙ୍କ ତତ୍ତ୍ୱାବଧାନରେ କଢ଼ାଯାଇଥିଲା ବୋଲି ଡକ୍ଟର ଦାଶ କହିବା ସହ କନ୍‌ସଲ୍‌ଟାଣ୍ଟ ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ଏହି କାର୍ଯ୍ୟରେ ସହାୟତା ନିମନ୍ତେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଡାକ୍ତର ବାନାମ୍ବର ରାୟ କହିଥିଲେ ସମ୍ପୃକ୍ତ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କର ଅଙ୍ଗଗୁଡ଼ିକୁ ଶରୀରରୁ କାଢ଼ିବା ଜଟିଳ ଥିଲା। ତେବେ ଏହି ଅଙ୍ଗଗୁଡ଼ିକ ଅନ୍ୟ ଦୁଇ ରୋଗୀଙ୍କ ଶରୀରରେ ଉତ୍ତମ ଭାବେ କାର୍ଯ୍ୟ କରିବ ବୋଲି ଡାକ୍ତର ରାୟ ଆଶା ପ୍ରକାଶ କରିଛନ୍ତି।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଦେଶର ୮୩% ଯୁବକ ବେକାର

ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଚ୍ଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି।

ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ୱ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ୱକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ୱକର
ନିଶ୍ଚେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ୱମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

## ଏଣୁ ତେଣୁ



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ—୩୮

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜଦ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## କୌଣ୍ଡିନ୍ୟଙ୍କ ସଂଭାଷଣ

ଦିନେ କୌଣସି ଏକ ହ୍ୱାଟ୍ସଆପ୍ ଗ୍ରୁପରେ ମହାନ୍ କବି ଗଙ୍ଗାଧର ମେହେରଙ୍କ ଏକ କାଳଜୟୀ ଗୀତ ଶୁଣିବାକୁ ମିଳିଲା ଯାହାକୁ କି ମୁଁ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ପୂର୍ବରୁ ପଢିଥିଲି। ସେ ଗୀତର ଭାବ ମୋ ମନରେ ମଧୁମୟ ଭାବର ଉଦ୍ରେକ କରିଥିଲା। ଠିକ୍ ଏହି ସମୟକୁ ମୁଁ କୌଣ୍ଡିନ୍ୟଙ୍କ ଭାଷଣରେ ତାଙ୍କ ଓ ତାଙ୍କ ମାତୃଭୂମି କଳିଙ୍ଗ/ଉତ୍କଳର ପରିଚିତି କିପରି ଉପସ୍ଥାପିତ କରିବି ଚିନ୍ତା କରୁଥିଲି। ଏଣୁ ମୋର ଚିନ୍ତାର ସମାପ୍ତି ହେଲା ଓ ଏହି ମଧୁମୟ ଭାବଧାରାରେ କୌଣ୍ଡିନ୍ୟଙ୍କ ଭାଷଣ ଆରମ୍ଭ କଲି ଓ ଅନେକ ପରିଶ୍ରମ କରି ତା'ର ସମାପ୍ତି କଲି।

କବି ଗଙ୍ଗାଧରଙ୍କ ଗୀତଟିର ଆରମ୍ଭ ହୋଇଛି 'ବିଶ୍ୱ ଦେଖ ମଧୁମୟ ରେ ଜୀବନ, ବିଶ୍ୱ ଦେଖ ମଧୁମୟ...!' ମୁଁ ସେଥିରେ ଥିବା 'ଦେଖ' ଜାଗାରେ 'ଆମ' ଓ 'ରେ ଜୀବନ' ଜାଗାରେ 'ହେ ସୁଜନ' ରଖି ମୋର ଲେଖା ଆରମ୍ଭ କଲି। କବିଙ୍କ ଓ ମୋର ବିଷୟବସ୍ତୁ ସଂପୂର୍ଣ୍ଣ ଅଲଗା ଥିବାରୁ ମୋର ବାକି ଲେଖା ତାଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ। 'ମଧୁ' ଶବ୍ଦରୁ ଜାତ ଶବ୍ଦର ସେ ବହୁତ୍ କମ୍ ସନ୍ନିବେସିତ କରିଥିଲା ବେଳେ ମୋର ଲେଖାରେ ଏହି ଶବ୍ଦମାନ ୧୭ଟି ପଦରେ ୧୭ଥର ଲେଖାଯାଇ ଗୀତଟିକୁ ମର୍ମସ୍ପର୍ଶୀ ମଧୁମୟ କରିଅଛି। ସମସ୍ତ ଗୀତର ପ୍ରତି ଧାଡି 'ବ /ଭ'ରେ ଆରମ୍ଭ ହୋଇ ଥିବାରୁ ଗାୟନକୁ ସୁଶ୍ରାବ୍ୟ କରିପାରିବ।

ବିଶ୍ୱ ଆମ ମଧୁମୟ      ହେ ସୁଜନେ
      ବିଶ୍ୱ ଆମ ମଧୁମୟ
ବିନୀତ ବଚନେ      ବିନତ ଆନନେ
      ବଖାଣୁଛି ପରିଚୟ      ।।ଘୋଷା।।
ବର୍ଣ୍ଣ ମୋ ମଧୁର      ବଂଶ ମୋ ମଧୁର
      ବୀରା ପ୍ରେମିକା ମଧୁର
ବିଶେଷ ମଧୁର      ମୋ କଳିଙ୍ଗ ମାତା
      ବୀର ବିଜ୍ଞେ ଭରପୂର      ।।୧।।
ବିକ୍ଷିପ୍ତ ବିଶ୍ୱରେ      ମଧୁମୟ ସ୍ୱରେ
      ବୋଲନ୍ତି ମୋ ମା' ନାମ
ବିଭାଷିତ ବୀରେ      ବିଖ୍ୟାତ ଗ୍ରନ୍ଥରେ
      ବଡ କେ ମୋ ମାତା ସମ      ।।୨।।
ବୀର ଖାରବେଳ      କଳିଙ୍ଗ ଦେଶର
      ବିଜୟି ବିଶାଳ ସ୍ଥାନ
ବୃହତ୍ କଳିଙ୍ଗୁ      ଏକାମ୍ର ଅଂଚଳୁ
      ବ୍ୟାପ୍ତ କଲେ ସୁଶାସନ      ।।୩।।
ବିଦ୍ୟମାନ ଦେଶେ      ଉଦୟଗିରି ସେ
      ବକ୍ଷେ ରାଣୀ ଗୁଂଫା ଯା'ର
ବିଧିମତେ ତତ୍ର      ଲିପି ଉପଲବ୍ଧ
      ବିଗତ ଉଡ୍ର ଭାଷାର      ।।୪।।
ବିଶେଷ ମଧୁର      ସେଠାରେ ଥିବାର
      ବିଲୋକି ନର୍ତ୍ତକୀ ଚିତ୍ର
ବାଦକ ସହିତ      ହୋଇଛି ଖୋଦିତ
      ବିମୋହକ ଉଡ୍ର ନୃତ୍ୟ      ।।୫।।
ବୀରପ୍ରସୂ ରାଜ୍ୟ      କଳିଙ୍ଗ ସାମ୍ରାଜ୍ୟ
      ବୀରପଣେ ଅବିଜିତ
ବ୍ୟାପକ କାଳରେ      ଆଗତ ଯୁଦ୍ଧରେ
      ବଳେ ଶତ୍ରୁ ପରାଜିତ      ।।୬।।
ବୀର ମଗଧର      ନୃପ ଅଶୋକର
      ବିଜୟ ଇଚ୍ଛା କଳିଂଗ
ବିନାଶ ହୁଅଇ      ବୌଦ୍ଧ ଦୀକ୍ଷା ନେଇ
      ବରିଣ ମଧୁର ମାର୍ଗ      ।।୭।।
ବିଶ୍ୱରେ ବିଖ୍ୟାତ      ଜଗନ୍ନାଥ କ୍ଷେତ୍ର
      ଭକ୍ତଙ୍କ ମଧୁର ସ୍ଥାନ
ଭକ୍ତ ମଧୁମୟ      ଭକ୍ତି ମଧୁଭରା
      ବିତରେ ଏ ଦିବ୍ୟ ଜ୍ଞାନ      ।।୮।।
ବିପୁଳ ସଂଖ୍ୟକ      ଭକ୍ତମାନେ ଏକ
      ବିଭୂ କୃପା ଅଭିଳାଷି
ବରୁଣ ପ୍ରଭୁଙ୍କ      ଛୁଅନ୍ତି ପଦାଙ୍କ
      ବେଳାରେ ଶୁଭ ମନାସି      ।।୯।।
ବିକଚ ନଳୀନ      ବିମଳ ନୟନ
      ବୃଷ୍ଟିକରେ ମଧୁରିମା
ବିଭୂ ଜଗନ୍ନାଥ      ବିନାଶିଣ ପାପ
      ଭକ୍ତକୁ ଦିଅନ୍ତି କ୍ଷମା      ।।୧୦।।
ବିପୁଳ ଆଶିଷ      ପ୍ରାପ୍ତେଷୁ ହରଷ
      ଭକ୍ତ ଭାବେ ଅବିରତେ
ବଢି ଚାଲିଛି ସେ      ମଧୁମୟ ମାର୍ଗେ
      ବିହିତ ଲକ୍ଷ୍ୟ ପ୍ରାପ୍ତାର୍ଥେ      ।।୧୧।।
ବୋଲେ ସଦାକାଳେ      କଳିଙ୍ଗ ଉତ୍କଳେ
      ବିକଶିତ କଳାଜ୍ଞାନ
ବିଶେଷ ବିଖ୍ୟାତ      ବୀରତ୍ୱ ସମେତ
      ବିବୁଧ ଜନେ ହେ ଶୁଣ      ।।୧୨।।



ବହୁ ବର୍ତ୍ତମାନ      ଗାଥା କଳିଂଗେନ
      ବୋଲିଲେ ସରିବ ନାହିଁ
ବିନମ୍ରେ ଏଠାରେ      ସମାପନ କରେ
      ବଡିମା ଆଉ ନ ଗାୟି      ।।୧୩।।
ବଡ ସୁଭାଗ୍ୟ ମୋ      ହେଉଛ ତୁମ୍ଭେ ମୋ
      ବିଧିମତେ ଜ୍ଞାତିଜନ
ବହୁତ ଆଶିଷ      ବର୍ଷାଅ ଆମଙ୍କୁ
      ବିତୁ ମଧୁର ଜୀବନ      ।।୧୪।।
ବିବାହ ମଧୁର      ବ୍ୟକ୍ତି ବସ୍ତ ସବୁ
      ବ୍ୟକ୍ତ କରୁ ମଧୁରତା
ବର୍ତ୍ତମାନ ମଧୁ      ଭବିଷ୍ୟତ ମଧୁ
      ବର୍ଷୁ ସଦା ମଧୁବାର୍ତ୍ତା      ।।୧୫।।
ବଖାଣି ଏତିକି      ବିରତି ନେଉଛି
      ବରିଷ୍ଟେ ମୋ ପ୍ରଣିପାତ
ବ ଭରେ ରଚଇ      ଶ୍ରୀ ଦୁର୍ଗାଚରଣ
      ବଡ ମଧୁର ଏ ଗୀତ      ।।୧୬।।

**ଶବ୍ଦାର୍ଥ :**

**ଘୋଷାରୁ ପଦ (୫) :** ବିନତ ଆନନେ-ମୁଣ୍ଡ ନୁଆଁଇ। ବିଜ୍ଞ-ପଣ୍ଡିତ, ଜ୍ଞାନୀ। ବିକ୍ଷିପ୍ତ-ବହୁ ଅଂଚଳରେ ବ୍ୟାପିକରି ରହିଥିବା। ବିଭାଷିତ- ଚମକୁ ଥିବା, ତେଜବାନ୍। ଗ୍ରଂଥରେ-ବଡ଼ ବଡ଼ ଗ୍ରଂଥ କଳିଙ୍ଗରେ ରଚନା ହୋଇଥିଲା। ଏକାମ୍ର ଅଂଚଳୁ-ବର୍ତ୍ତମାନର ଭୁବନେଶ୍ୱରର ଅଂଚଳରେ ଖାରବେଳଙ୍କ ରାଜଧାନୀ ଥିଲା। ବିଦ୍ୟମାନ ଦେଶେ-କଳିଂଗ ଦେଶରେ ରହିଥିବା। ଲିପି-ଅକ୍ଷର (ପୁରାତନ)। ବିଗତ ଉଡ୍ର ଭାଷାର- ଓଡ଼ିଆ ଭାଷାର ପୁରାତନ ଲିପି। ବିଲୋକି-ଦେଖିକରି। ବାଦକ-ବାଜା ବଜାଉଥିବା। ଉଡ୍ରନୃତ୍ୟ- ଆଜିର ଓଡ଼ିଶୀ ନୃତ୍ୟ।

**ପଦ (୬)ରୁ (୧୧) ପର୍ଯ୍ୟନ୍ତ :** ବୀରପ୍ରସୂ-ବୀର ଜନ୍ମ କରିଥିବା। ଅବିଜିତ-ଯାହାକୁ ଜୟ କରି ହୋଇନାହିଁ। ବିଜୟ ଇଚ୍ଛା କଳିଂଗ ବିନାଶ ହୁଅଇ-ଆମ୍ଭ ମତରେ ଧଉଳିଗିରି ଶିଳା ଲେଖରେ ଅଶୋକ ସେଠାରେ ବୌଦ୍ଧ ଧର୍ମ ଗ୍ରହଣ କରି ନିଜ ସୈନିକଙ୍କ ସହିତ ମଗଧ ଫେରି ଥିବାରୁ ସେ କଳିଂଗ ଯୁଦ୍ଧରେ ଜିତିନାହାଁନ୍ତି (ବିଜୟ କଥା ସେ ଯାହା ଲେଖିଛନ୍ତି ତା' ସପକ୍ଷରେ ଆଉ କିଛି ପ୍ରମାଣ ନାହିଁ)। ବିତରେ- ବାଣ୍ଟିଥାଏ। ପଦାଙ୍କ-ପାଦଚିହ୍ନ। ବେଳାରେ-ସମୁଦ୍ର କୂଳରେ। ବିକଚ-ଫୁଟିଥିବା। ବିମଳ-ମଇଳା ହୀନ। ବିଭୁ-ଭଗବାନ। ବିହିତ-ନିର୍ଦ୍ଦିଷ୍ଟ ହୋଇଥିବା।

**ପଦ (୧୨)ରୁ (୧୬):** ବଖାଣି -ମୁଁ କୌଣ୍ଡିନ୍ୟ କହୁଛି। ବିବୁଧ-ଜ୍ଞାନୀ। ବର୍ତ୍ତମାନ-ରହିଅଛି। ବିଧିମତେ-ନିୟମ ଅନୁସାରେ। ବର୍ଷୁ-ବର୍ଷକର। ପ୍ରଣିପାତ-ନମସ୍କାର।

# ଶିଶୁଶ୍ରମିକ ପ୍ରଥା କେବେ ଉଚ୍ଛେଦ ହେବ ?

**ଅପରାଜିତା ରାୟ**
ସୋଦ୍ପୁର, କଲିକତା
aparajitaroy204@gmail.com

ଏକବିଂଶ ଶତାବ୍ଦୀରେ ଶିଶୁ ଶ୍ରମିକ ପ୍ରଥା ଏକ ଲଜ୍ଜା ଜନକ ବିଷୟ , ଏହି ପ୍ରଥା କାହିଁ କେତେ କାଳ ଆଗରୁ ଚାଲି ଆସୁଛି । କେବଳ ଭାରତରେ ନୁହେଁ ସାରା ପୃଥିବୀରେ ଏହି ପ୍ରଥା ନିନ୍ଦନୀୟ ହୋଇଥିଲେ ମଧ୍ୟ ଏହାକୁ କିଛି ଦେଶରେ ନିୟମ କାନୁନ ପାଇଁ ଲୁଚାଛପାରେ ଆଦରି ନେଇଛନ୍ତି ତ' କେଉଁ ଦେଶରେ ଖୁଲମ୍ ଖୁଲା ଶିଶୁ ମାନଙ୍କୁ କର୍ମରେ ନିଯୁକ୍ତି ଦିଆଯାଉଛି । ପ୍ରାୟ ୫ ବର୍ଷରୁ ୧୪ ବର୍ଷ ମଧ୍ୟରେ କୋମଳମତି ବାଳକ, ବାଳିକା ମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ, ପିତା ମାତାଙ୍କ ଉପରେ ଚାପ ପକାଇ ଅଥବା ବଳପୂର୍ବକ ଅପହରଣ କରି ବା ଡରାଇ ଧମକାଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସେମାନଙ୍କୁ ନିୟମ ଅନୁଯାୟୀ ଅଥବା ମାନବିକତା ଦୃଷ୍ଟି କୋଣରୁ ଉପଯୁକ୍ତ ଖାଦ୍ୟପେୟ, ପୋଷାକ, ବାସସ୍ଥାନ ଦିଆ ଯାଉନାହିଁ ବରଂ ଅମାନବୀୟ ଭାବେ ଯୌନ ଶୋଷଣ ଠାରୁ ଆରମ୍ଭ କରି ଶାରୀରିକ, ମାନସିକ ନିର୍ଯାତନା ଦିଆ ଯାଉଛି। ଆମ ସଭ୍ୟ ସମାଜ ପାଇଁ ଏହା ଯଦିଓ ଲଜ୍ଜାକର ବିଷୟ ତଥାପି ଅନେକ ବ୍ୟକ୍ତି ଏହାକୁ ବେଖାତିର କରି ଶିଶୁ ଶ୍ରମିକ ନିଯୁକ୍ତି ଦେଉଛନ୍ତି । ଆଇ:ଏଲ :ଓ ଦ୍ୱାରା ୨୦୦୨ ମସିହାରୁ ଜନ ସଚେତନତା ପାଇଁ ପ୍ରତିବର୍ଷ ଜୁନ ମାସ ୧୨ ତାରିଖକୁ ୱାର୍ଲଡ ଡେ ଏଗ୍ନେଷ୍ଟ ଚାଇଲଡ୍ ଲେବର ବା ଶିଶୁ ଶ୍ରମିକ ବିରୁଦ୍ଧରେ ବିଶ୍ୱ ଦିବସ ମିଳିତ ଜାତିସଂଘ ( ଆଇ :ଏଲ:ଓ ବିଭାଗ ) ଦ୍ୱାରା ପାଳନ କରାଯାଉଅଛି । ଏହା ଦ୍ୱାରା ଜନସଚେତନତା ବଢିବ। ଶିଶୁ ଶ୍ରମିକମାନଙ୍କୁ ମଧ୍ୟ ଯଥା ସାଧ୍ୟ ଥଇଥାନ କରାଯାଇ ପାରିବ ବୋଲି ମିଳିତ ଜାତିସଂଘର ବିଶ୍ୱାସ ରହିଛି । ଆକଳନରୁ ଜଣା ଯାଉଛି କି ପ୍ରାୟ ୧୬୦ ମିଲିଅନ୍ ଶିଶୁ ଶ୍ରମିକ ଅଛନ୍ତି, ଆଫ୍ରିକା ମହାଦେଶରେ ସବୁଠାରୁ ବେଶି ପ୍ରାୟ ୭୨ ମିଲିଅନ୍ ଶିଶୁ ଶ୍ରମିକ ଦେଖାଯା'ନ୍ତି । ନିମ୍ନ ଆୟକାରୀ ବା ଅନୁନ୍ନତ ଦେଶ ମାନଙ୍କରେ ପ୍ରତି ଚାରି ଜଣ ଶିଶୁ ମାନଙ୍କ ମଧ୍ୟରୁ ଜଣେ ନିଶ୍ଚିତ ଭାବେ ଶିଶୁ ଶ୍ରମିକ ଅଛନ୍ତି, ସେହି ପରି ମଧ୍ୟମ ଆୟ କରୁଥିବା ଦେଶ ମାନଙ୍କରେ ପ୍ରାୟ ୫୬ ପ୍ରତିଶତ ଶିଶୁ ଶ୍ରମିକ ଅଛନ୍ତି , ଉନ୍ନତ ଦେଶ ମାନଙ୍କରେ ମଧ୍ୟ ୭ ପ୍ରତିଶତ ଶିଶୁ ଶ୍ରମିକ ଚିହ୍ନଟ ହୋଇଛନ୍ତି । ସାମାଜିକ ସୁରକ୍ଷା ତଥା ଥଇଥାନ ପାଇଁ ବିଶ୍ୱ ଶିଶୁ ସଂସ୍ଥା (ଆଇ :ଏଲ: ଓ ) ସଦା ସର୍ବଦା ଚେଷ୍ଟିତ ତେବେ କେବଳ ନିୟମ କରିଦେଲେ ବା ସ୍ୱୟଂସେବକ ସଂସ୍ଥାମାନେ ନିୟୋଜିତ ହେଲେ ସମସ୍ୟାର ସମାଧାନ ସମ୍ଭବ ନୁହେ, ଏଥିପାଇଁ ଆନ୍ତରିକତାର ଏବଂ ଜନ ସଚେତନତାର ଆବଶ୍ୟକତା ଅଛି । ସରକାରୀ ଦପ୍ତର ଏବଂ କର୍ମଚାରୀ ମାନଙ୍କ କାର୍ଯ୍ୟ ପ୍ରତି ଆଗ୍ରହ ନ'ଥିଲେ ଏହି କାର୍ଯ୍ୟକ୍ରମ ଫଳପ୍ରଦ ହୋଇ ପାରିବ ନାହିଁ ।

ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଶିଶୁ ଶ୍ରମିକ ପ୍ରଥା ( ଏସ :ଡି:ଜି ) ଦ୍ୱାରା ୨୦୨୫ ମସିହା ସୁଦ୍ଧା ପୃଥିବୀରୁ ଶିଶୁ ଶ୍ରମିକ ପ୍ରଥା ସମ୍ପୂର୍ଣ ଉଚ୍ଛେଦ କରିବା ପାଇଁ ଯୋଜନା କରାଯାଇଛି । ଆମ ଭାରତବର୍ଷରେ ପ୍ରାୟ ୨ କୋଟି ଶିଶୁ ଶ୍ରମିକ କାର୍ଯ୍ୟରତ, ସେମାନେ କଳ କାରଖାନାଠାରୁ ଆରମ୍ଭ କରି ଛୋଟ ବଡ଼ ଦୋକାନ ଗୁଡିକରେ ଦେଖିବାକୁ ମିଳିବେ। ଅନେକ ଶିଶୁ ଶ୍ରମିକ ରାସ୍ତା ଛକ ମାନଙ୍କରେ ଭିକ୍ଷାବୃତ୍ତି କରିବାର ଦୃଶ୍ୟ ପ୍ରାୟ ସମସ୍ତେ ଦେଖିଛନ୍ତି । କିଛି ଅପରାଧୀ, ଗୁଣ୍ଡା ଶ୍ରେଣୀର ବ୍ୟକ୍ତି ମାନେ ଶିଶୁମାନଙ୍କୁ ଅପହରଣ କରି ନେଇ ତାଙ୍କୁ ଭିକ୍ଷା ବୃତ୍ତିରେ ନିୟୋଜିତ କରି ବେଶ ଭଲ ରୋଜଗାର କରୁଛନ୍ତି , ଅନେକ ଶିକ୍ଷିତ ବଡ଼ ବଡ଼ିଆମାନେ ମଧ୍ୟ ଶିଶୁ ଶ୍ରମିକ ନିଜ ଗୃହ କାର୍ଯ୍ୟରେ ନିୟୋଜିତ କରୁଛନ୍ତି ତଥା ଅନେକ ପ୍ରକାର ନିର୍ଯାତନା ମଧ୍ୟ ଦେଉଛନ୍ତି । ଭାରତ ସରକାର ତଥା ପ୍ରାଦେଶିକ ସରକାର ମାନେ ଏହାକୁ ରୋକିବା ପାଇଁ ସରକାରୀ ବିଭାଗ ଖୋଲି ଦାୟିତ୍ୱବାନ ଅଧିକାରୀ ମାନଙ୍କୁ ନିୟୋଜିତ କରିଛନ୍ତି, ତେବେ କାର୍ଯ୍ୟ କିପରି ହେଉଛି ତାହା ତର୍ଜମା କରିବାକୁ କାହାରି ପାଖରେ ସମୟ ନାହିଁ କହିଲେ ଚଳେ । ଭାରତୀୟ ସମ୍ବିଧାନ ଧାରା ୧୯, ୨୧ , ୨୧ କ , ୨୩ ଅନୁଯାୟୀ ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ସରକାର ମାଗଣାରେ ପାଠ ପଢ଼ାଇବେ, ସାମାଜିକ ସୁରକ୍ଷା ଦେବେ , ଶିଶୁର ବିକାଶ କିପରି ହେବ ସେଥି ପ୍ରତି ଧ୍ୟାନ ଦେବେ କିନ୍ତୁ ଏହା କ'ଣ ପାଳିତ ହେଉଛି କି ? ଏସବୁର ଉଲଂଘନ ଦ୍ୱାରା ଶିଶୁ ମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେଉଛି , ଶିଶୁ ଶ୍ରମିକ ମାନଙ୍କ ସଂଖ୍ୟା ବଢି ଚାଲିଛି । ଶିଶୁ ଏବଂ ଯୌନ ଶୋଷଣ ନିୟମ ୧୯୮୬ , ଶିଶୁ / ନାବାଳକ ନ୍ୟାୟିକ ବ୍ୟବସ୍ଥା ୨୦୧୫ ରେ ଶିଶୁ ମାନଙ୍କୁ ନ୍ୟାୟ ଦେବାପାଇଁ କରାଯାଇଅଛି । କିନ୍ତୁ ଫଳ କେତେ ମିଳୁଛି ତାହା ହୁଏତ ସମସ୍ତେ ଜାଣିଛନ୍ତି , ଏବେବି ଆପଣ ମାନେ ରେଳ ଷ୍ଟେସନ, ରାସ୍ତାର ଛକ ଜାଗା, ବିଭିନ୍ନ ଦୋକାନରେ ଏମାନଙ୍କୁ ଦେଖୁଥିବେ । ଥଇଥାନ ବ୍ୟବସ୍ଥା, ଉଦ୍ଧାର ପାଇଥିବା ଶିଶୁ ମାନଙ୍କୁ କିଛି ବୈଷୟିକ ଶିକ୍ଷା ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଅନାଥମାନଙ୍କୁ ସ୍ୱତନ୍ତ୍ର ଗୃହରେ ରଖି ଭିକ୍ଷାବୃତ୍ତି ତଥା ଅପରାଧିକ କାର୍ଯ୍ୟ କଳାପରୁ ନିବୃତ୍ତ କରିବା ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଆଶା କରଯାଏ । ଦେଶର ସ୍ୱାର୍ଥ ପାଇଁ ସରକାର ତଥା ଜନସାଧାରଣ ଏହି ବିଷୟଟିକୁ ଗୁରୁତ୍ୱର ସହିତ ବିଚାର କରିବା ଉଚିତ ।

# ଅପ୍ରତ୍ୟାବୃତ୍ତ ବସନ୍ତ



**କିଶୋର ଚନ୍ଦ୍ର ଜେନା**
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ମଣିଷର ପ୍ରାଣ ହେଉଛି ବାୟୁ। ବାୟୁରୁ ଆୟୁ। ସ୍ୱଚ୍ଛ ବାୟୁ ମଣିଷର ଆୟୁ ବଢ଼ାଏ। ପ୍ରଦୂ୍ୟଷିତ ବାୟୁରେ ମଣିଷ ରୋଗାକ୍ରାନ୍ତ ହୁଏ। ପଞ୍ଚଭୁତ ତଥ୍ୟରେ ପ୍ରମୁଖ ହେଉଛି ବାୟୁ। ଏ ସବୁକୁ ଜାଣି ମଧ୍ୟ ମଣିଷ ସମାଜ ବାୟୁକୁ ପ୍ରଦୂ୍ୟଷଣ କରିବାରେ ଲାଗିଛି। ଖାଦ୍ ଲେସେଣ୍ଟ ପ୍ଲେନେଗ୍ରରୀ ହେଲ୍ଥ ଜୋର୍ନାଲ ଦ୍ୱାରା ଅଧ୍ୟୟନ ପରେ, ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ ପାଇଛି। ବାୟୁ ପ୍ରଦୁଷଣ ହେତୁ ୨୦୦୦ ରୁ ୨୦୧୯ ପର୍ଯ୍ୟନ୍ତ ପୃଥିବୀରେ ୧୦ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି। ନିଃଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବେମାରୀ ଦିନକୁ ଦିନ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏଥିରେ ଆକ୍ରାନ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ଯାଉଛି। ଅଷ୍ଟ୍ରେଲିଆର ଏକ ୟୁନିଭରସିଟିରେ ଜଳବାୟୁ ବିଶେଷଜ୍ଞଙ୍କ ଦ୍ୱାରା ୧୩୦୦୦ ନଗରକୁ ନେଇ ଏକ ବାୟୁ ପ୍ରଦୁଷଣ ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନର ରିପୋର୍ଟ ଅନୁସାରେ ଏସିଆ ମହାଦେଶରେ ପ୍ରଦୁଷଣ ହାର ବହୁତ ଚିନ୍ତାଜନକ। ଏଥିରେ କୁହାଯାଇଅଛି ଯେ ଏହାଦ୍ୱାରା ପ୍ରଭାବିତ ମୃତ୍ୟୁ ସଂଖ୍ୟା ଚୀନ ପ୍ରଥମରେ ଅଛି। ସୁଇଜରଲ୍ୟାଣ୍ଡର କମ୍ପାନୀ ଆଇକ୍ୟୁ ଏୟାର ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ ୨୦୨୩ ରେ ଭାରତର ବାୟୁ ପ୍ରଦୂଷଣ ମାତ୍ରା ବିଶ୍ୱରେ ତୃତୀୟ ସର୍ବାଧିକ। ପ୍ରଥମ ଓ ଦ୍ୱିତୀୟରେ ଯଥାକ୍ରମେ ବାଂଲାଦେଶ ଓ ପାକିସ୍ତାନ ଅଛନ୍ତି। ଭାରତର ବାର୍ଷିକ ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍) ୨.୫ ହାରାହାରି କ୍ୟୁବିକ ମିଟର ପ୍ରତି ମାଇକ୍ରୋଗ୍ରାମ ୧୪.୪ ରହିଥିବା ବେଳେ ପାକିସ୍ତାନର ୭୩.୭ କ୍ୟୁବିକ ମିଟର ପ୍ରତି ମାଇକ୍ରୋଗ୍ରାମ ଏବଂ ବାଂଲାଦେଶର ୩୯.୯ କ୍ୟୁବିକ ମିଟର ପ୍ରତି ମାଇକ୍ରୋଗ୍ରାମ ରହିଛି। ୧୩୪ ଦେଶର ୭୮୧୨ ଟି ସ୍ଥାନରେ ଥିବା ୩୦ ହଜାର ବାୟୁମାନକ ନିୟନ୍ତ୍ରଣ କକ୍ଷର ତଥ୍ୟକୁ ଆଧାର କରି ଏହି ରିପୋର୍ଟ ବା ଦସ୍ତାବିଜ ପ୍ରସ୍ତୁତ କରାଯାଇଛି। ୨୦୨୨ ରେ ଭାରତ ୮ମ ସ୍ଥାନରେ ଥିଲା। ରିପୋର୍ଟରୁ ଜଣାପଡ଼ିଛି ଯେ ଭାରତର ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ। ଏପରିକି ବିଶ୍ୱର ୫୦ଟି ପ୍ରଦୂଷିତ ସହର ମଧ୍ୟରୁ ଭାରତରେ ୪୨ଟି ସହର ସ୍ଥାନ ପାଇଛି। ଗ୍ରୀନ୍ପିସ୍ ଇଣ୍ଟରନ୍ୟାସନାଲର ବରିଷ୍ଠ ବାୟୁ ଗୁଣବତ୍ତା ବୈଜ୍ଞାନିକ ଏଡ଼ାନ୍ ଫାରୋ କହିଛନ୍ତି ଯେ ଏହି ରିପୋର୍ଟରେ ସ୍ଥାୟୀ ବାୟୁ ପ୍ରଦୂଷଣ ସଂକଟର ଆନ୍ତର୍ଜାତୀୟ ପ୍ରକୃତି ଏବଂ ଅସମାନତାକୁ ଦର୍ଶାଯାଇଛି। ଅଳ୍ପ ସମ୍ବଳ ଥିବା ସ୍ଥାନରେ ବାୟୁର ଗୁଣବତ୍ତା ଉପରେ ନଜର ରଖିବା, ଧୂଆଁର କାରଣ ପରିଚାଳନା ଏବଂ ଶକ୍ତି ଉତ୍ସ ଭାବରେ ଦହନ ଉପରେ ଆମର ନିର୍ଭରଶୀଳତା ହ୍ରାସ କରିବା ଦରକାର। ୨୦୨୩ରେ ବାୟୁ ପ୍ରଦୂଷଣ ଏବ ବିଶ୍ୱ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ହୋଇରହିଥିଲା। ଆଇକ୍ୟୁ ଏୟାରର ଏହି ଗ୍ଲୋବାଲ ଡାଟା ସେଟ ଆମ ପାଇଁ ଏକ ଚେତାବନୀ ସଦୃଶ। ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭରମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା (ଗବେଷଣା ଓ ଆଡ଼ଭୋକେସି) ଅନୁମିତା ରାୟ ଚୌଧୁରୀ କହିଛନ୍ତି ଯେ ଏହି ରିପୋର୍ଟ ପୁଣି ଥରେ ଦର୍ଶାଇଛି ଯେ ଦ୍ରୁତ ଗତିରେ ମୋଟରିକରଣ ଏବଂ ସହରୀକରଣ ମୁଖ୍ୟତଃ ଦାୟି। ଭାରତରେ ବାୟୁ ପ୍ରଦୂଷଣ ହାର ମଧ୍ୟ ଚିନ୍ତାଜନକ ଅଟେ। ଆମର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ପ୍ରତିବର୍ଷ ବାୟୁ ପ୍ରଦୂଷଣ କାରଣରୁ ସକାଳୁ ଧୂଳି ମିଶ୍ରିତ କୋହରା ଘଣ୍ଟା ଘଣ୍ଟା କାଳ ବାୟୁ ମଣ୍ଡଳକୁ ଆଚ୍ଛାଦିତ କରିରଖୁଛି। ଏହାର ସବୁଠାରୁ ପ୍ରମୁଖ କାରଣ ହେଉଛି ଆଧୁନିକ ଜୀବନଶୈଳୀ। ଆମ ଭାରତର ସଂସ୍କୃତି ବାୟୁକୁ ଦେବତାର ମାନ୍ୟତା ଦିଏ। ଆମ ସଂସ୍କୃତି ଆଧାରିତ ଜୀବନ ଧାରଣରୁ ଦୂରେଇ ଯିବା ହେଉଛି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ବାୟୁକୁ ଆମ୍ଭେ ପ୍ରାଣ ବୋଲି କହୁ। 'ପ୍ରାଣ ନାହିଁତ, ଜୀବନ ନାହିଁ'। ଗ୍ରୀଷ୍ମ, ଶୀତ ଏବଂ ବର୍ଷାକୁ ଛାଡ଼ିଦେଲେ ଅନ୍ୟ ଋତୁକୁ ଆମେ ଅନୁଭବ କରିବା ବର୍ତ୍ତମାନ କଷ୍ଟକର। ଋତୁମାନଙ୍କର ରାଜା ବସନ୍ତ ଆଜି ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ରତାପରେ ମଉଳି ଯାଇଛି। ବସନ୍ତର ସୁଲୁ ସୁଲିଆ ମଧୁର ମଳୟ ଓ ଆମ୍ର କାନନରୁ କୋକିଳର କୁହୁକୁହୁ ମଧୁର ତାନ ଆଜି ଦୁଷ୍ପ୍ରାପ୍ୟ। ବସନ୍ତର ପ୍ରବାହ ମର୍ତ୍ତ୍ୟରେ ସମସ୍ତଙ୍କ ମନରେ ଶିହରଣ ସୃଷ୍ଟି କରେ। କବିର କାବ୍ୟିକ ଭାବନା ପରିପୁଷ୍ଟ ହୁଏ ଏବଂ ଲେଖନୀ ମୁନରୁ ଝରିପଡ଼େ ସ୍ୱତଃସ୍ଫୁର୍ତ୍ତ କାବ୍ୟିକ ଗଙ୍ଗା। ବସନ୍ତ ଋତୁରେ ଦୋଳ ପର୍ବ ଅନ୍ୟତମ। ଦୋଳ ପର୍ବରେ ବସନ୍ତର ଥିରି ଥିରି ମୃଦୁ୍ୟ ମଳୟରେ ହୋଲି ଖେଳ ମର୍ତ୍ତ୍ୟରେ ସମସ୍ତ ନର ନାରୀଙ୍କୁ ଆତ୍ମ ବିଭୋର କରିଥାଏ। ଏହି ପର୍ବରେ ଶତ୍ରୁ ବି ପରମ ବନ୍ଧୁ ପାଲଟନ୍ତି ହୋଲିର ରଙ୍ଗର ସ୍ପର୍ଶରେ। ମର୍ତ୍ତ୍ୟରେ ଆନନ୍ଦ ହିଁ ଆନନ୍ଦ ଖେଳିଯାଏ। କିନ୍ତୁ ପ୍ରଚଣ୍ଡ ରୌଦ୍ରତାପରେ ବସନ୍ତ ଆଜି ନିଷ୍ପ୍ରଭ। ସଂସ୍କୃତି ଆଧାରିତ ପର୍ବ ପର୍ବାଣୀ ଏବଂ ପରମ୍ପରା ଆଜି ଶ୍ରୀହୀନ ବାୟୁ ପ୍ରଦୂଷଣ କାରଣରୁ। ବୈଦିକ ପରମ୍ପରାରେ ବାୟୁକୁ ଅମର ଦେବତା ଭାବରେ ଗ୍ରହଣ କରାଯାଏ। ବାୟୁର ତୀବ୍ରତାକୁ ଆମ୍ଭେ ଅନୁଭବ କରିଥାଉ ଏବଂ ଏହାର ରୂପକୁ ନୁହେଁ। ଋଷିଗଣ ପାଗଳ ଭାବରେ ଧ୍ୟାନରତ ବାୟୁର ରୂପ ଦେଖିବା ପାଇଁ। ପ୍ରାଣ ହେଉଛି ଜୀବନ। ପ୍ରାଣରୁ ପ୍ରାଣୀ। ବାୟୁ ଦେବତାଙ୍କ ପ୍ରାଣରେ ବି ବାୟୁ ପ୍ରବାହମାନ ଅନ୍ୟାନ୍ୟ ପ୍ରାଣୀମାନଙ୍କ ସଦୃଶ। ସୃଷ୍ଟିରେ ପଞ୍ଚମହାଭୂତ ଗୁଡ଼ିକ ହେଲେ ପୃଥି, ଜଳ, ଅଗ୍ନି, ବାୟୁ ଏବଂ ଆକାଶ। ଏମାନଙ୍କ ମଧ୍ୟରେ ବାୟୁକୁ ଆମ୍ଭେ ପ୍ରତ୍ୟକ୍ଷ ଦେବତା ବୋଲି କହୁ ଏବଂ ପ୍ରତ୍ୟେକ୍ଷ ବ୍ରହ୍ମା ମଧ୍ୟ। ତମ୍ଭୋଭବତୁ ବାୟୁ କୋ ନମସ୍କାର ହେ। ଆପଣ ହେଉଛନ୍ତି ସାକ୍ଷାତ୍ ବ୍ରହ୍ମା, ମୁଁ ତୁମ୍ଭକୁ ହିଁ ସାକ୍ଷାତ ବ୍ରହ୍ମା ବୋଲି ଉଚ୍ଚାରଣ କରିବି। ଆପଣ ଆମକୁ ରକ୍ଷା କରନ୍ତୁ। ଏହି ମନ୍ତ୍ର ମଧ୍ୟ ଯଜୁର୍ବେଦ (୩୬.୯୨), ଅଥର୍ବ ବେଦ (୧୯.୯୬) ଏବଂ ଉପନିଷଦ ଏହି ଗୁଣଗାନ କରନ୍ତି। ବାୟୁକୁ ବେଦରେ କୁହାଯାଏ 'ଅୟଂ ବାୟୁଃ ସର୍ବେଷାଂ ଭୂତାନାଂ ମଧୋସ୍ୟ' - ଏହି ବାୟୁ ହେଉଛି ସମସ୍ତ ଭୂତମାନଙ୍କର ମଧୁ। ତେଣୁ ଆସ ଆମେ ସେହି ମଧୁ ପାଇବା ପାଇଁ ତାଙ୍କୁ ସମ୍ମାନ ଦେବା। ପ୍ରଚୁର ବୃକ୍ଷ ଲଗେଇବା ସହିତ ଆଧୁନିକ ଜୀବନ ଶୈଳିରୁ ନିଜକୁ କ୍ଷାନ୍ତ ରଖିବା। ବାୟୁ ପ୍ରଦୁଷଣ କାରଣକୁ ଅନୁଧ୍ୟାନ କରି ଆମର ଜୀବନ ଶୈଳିକୁ ଧର୍ମ ଆଧାରିତ ଜୀବନ ଶୈଳୀରେ ପରିବର୍ତ୍ତନ କରିବା। ଯାହାଫଳରେ ଆମେ ଶୁଦ୍ଧ ବାୟୁ ନେଇପାରିବା ଯାହାଫଳରେ ସମସ୍ତ ଋତୁ ମଧ୍ୟ ଅନୁମେୟ ହେବ ଏବଂ ଋତୁରାଜ ବସନ୍ତ ପ୍ରଚଣ୍ଡ ରୌଦ୍ରତାପରେ ବଶିଭୂତ ନହୋଇ ସଦା ଅମ୍ଳାନ ରହିବ। ଧରାରେ ନୈସର୍ଗୀକ ସୁଖ ଶାନ୍ତି ଫେରିଆସିବ ଏବଂ ଆମେ ଗାଇ ଉଠିବା।

**'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ**
**ସନ୍ତୁ ନିରାମୟା**
**ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ**
**ଦୁଃଖ ଭାଗବବେତ୍।**
**ଓଁ ଶାନ୍ତି, ଶାନ୍ତି, ଶାନ୍ତି**

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022  ସମ୍ପାଦକ : ଜୟାଶୀଷ ରାୟ

## ବନ୍ଦେ ଉତ୍କଳ

ନିରଞ୍ଜନ ସାହୁ

ବନ୍ଦେ ଉତ୍କଳ ବନ୍ଦେ ଉତ୍କଳ
ବନ୍ଦେ ଉତ୍କଳ ମାଆ
ଉତ୍କଳ ସନ୍ତାନ ସରବେ ଗରବେ
ବନ୍ଦେ ଉତ୍କଳ ଗାଆ

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଠାରୁ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ
ଏହା ଆମେ ଜାଣିପାରୁ
କାଳ କାଳ ପାଇଁ ମନେରଖିଥିବା
ଯିଏ ଯେଉଁ ଦେଶେ ଥାଆ

ଓଡ଼ିଆ ଭାଷାକୁ ଆଧାର କରିକି
ଉତ୍କଳ ଗଠନ ହେଲା
ଓଡ଼ିଆ ଆମର ମାତୃଭାଷା ହୋଇ
ନୂଆ ପରିଚୟ ଦେଲା

ମାତୃଭୂମି ମାତୃଭାଷାର ଉନ୍ନତି
କରିବା ହିଁ କହିଯାଆ

ତତ୍କାଳୀନ ମହାପୁରୁଷମାନଙ୍କ
ଅନେକ ପ୍ରଚେଷ୍ଟା ଫଳେ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ
ହୋଇଛି ଭାଗ୍ୟର ବଳେ
ଯେଉଁଆଡେ ଗଲେ ଯେମିତି ରହିଲେ
ସ୍ୱତନ୍ତ୍ର ସମ୍ମାନ ପାଆ

ଉତ୍କଳ ଦିବସ ପାଳନ ନିମିତ୍ତ
ଆଗଭର ହୁଅ ସର୍ବେ
ଉତ୍କଳ ମାତାର ସନ୍ତାନ ବୋଲିକି
ପରିଚୟ ଦିଅ ଗର୍ବେ
ବିଶ୍ୱ ଦରବାରେ ଉତ୍କଳର ନାମ
ରହିବ ସ୍ୱତନ୍ତ୍ର ଠାଆ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

## ଆତ୍ମସମୀକ୍ଷା

ଶରତ ଦାଶ



କବି ନୁହେଁ ମୁହିଁ ଲେଖେ କବିତା
ଜଳେ ରାତି ଦିନ ନୁହେଁ ସଳିତା
ମଳୟ ନୁହେଁ ମୁଁ ପ୍ରସାରେ ପ୍ରୀତି
ଗାୟକ ନୁହେଁ ଗାଏ ନିତି ଗୀତି

ନୁହେଁ ମୁଁ ତଟିନୀ ନୟନଜଳେ
ପୂର୍ଣ୍ଣ କରେ ବକ୍ଷ ସଞ୍ଜ ସକାଳେ
ରାତ୍ରି ନୁହେଁ ମୁହିଁ ଅନ୍ଧାରେ ଲୋଟେ
ସୁଖର କଣିକା ହାତେ ସାଉଣ୍ଟେ

ପତର ନୁହେଁ ମୁଁ ନୁହେଁ ପଥର
କେବେ ଭାସିଯାଏ ପଦପ୍ରହାର
କେବେ ଖାଇ ଯାଏ ନିଷ୍ପ୍ରାଣ ହୋଇ
ଜୀବନହୀନ ମୁଁ ଜୀବନେ ଥାଇ

ସୁଖ ନୁହେଁ ମୁହିଁ ମୁଠାଏ ଦୁଃଖ
ହେଲେ ବି ପ୍ରଚେଷ୍ଟା ଦେବାକୁ ସୁଖ
ନୁହେଁ ବଳଶାଳୀ ଦିଅଇ ବଳ
ଦୁର୍ବଳକୁ କରିବାକୁ ସବଳ

ନୁହେଁ ମୁଁ ଭକତ ଭକ୍ତିରେ ଭିଜେ
ଧାର୍ମିକ ନୁହେଁ ମୁଁ ଈଶ୍ୱର ଭଜେ
ଧନୀ ନୁହେଁ ଧନ କରେ ପ୍ରଦାନ
ଦାନୀ ନହୋଇ ବି କରଇ ଦାନ

ନେତା ନୁହେଁ ଦୃଷ୍ଟି ରାଜନୀତିରେ
ଜଳ ମଧ୍ୟେ ଥାଇ ସ୍ଥଳ ଆବୋରେ
ପାପକୁ ମୋ ଘୃଣା ନୁହେଁ ପାପୀକୁ
ଭଲପାଏ ନର ପଶୁ ପକ୍ଷୀଙ୍କୁ

ମହାଶୂନ୍ୟେ ମୁହିଁ ବିନ୍ଦୁଏ ସତ୍ତା
କେଉଁଠି ବିଲୟ ନାହିଁ ତ ପତ୍ତା
ଅସ୍ତାଚଳେ ରବି ଗଲେଣି ବୁଡି
ଦୃଶ୍ୟ ହୁଏ ଧୀରେ ବିଦାୟ ଛବି

ନୁହେଁ ମୁଁ ଦାନବ ନୁହେଁ ଦେବତା
ନୁହେଁ ପାପୀ ନୁହେଁ ସାଧୁ ମହାତ୍ମା
ଦୁବକୁ ମୋଟ ମୁଁ ଦାରୁକୁ ଛୋଟ
ପାସୋରିବା ଚେଷ୍ଟା ଛନ୍ଦ କପଟ

କରୁଣା ଅର୍ଣ୍ଣବ କରୁଣା ବଳେ
କୂଳ ହେବି ପ୍ରାପ୍ତ ସଂସାରଜଳେ
ପ୍ରେମରେ ଜୀବନ ଅତିବାହିତ
କରି ଶେଷେ ଶୂନ୍ୟେ ହେବି ଦ୍ରବିତ ।

ଭୁବନେଶ୍ୱର

## କିଏବା କହିବ ଆହାଃ

ଶିଶିର କୁମାର ପଣ୍ଡା



ଦୁନିଆଁରେ ଆଉ ରହି ହେବନାହିଁ
ଗରମ ପଡ଼ିଛି ଯାହା
ସବୁତ ଶିଝନ୍ତି ଟାଣୁଆ ଖରାରେ
କିଏବା କହିବ ଆହାଃ ?
ଆକାଶରୁ ନିଆଁ ବରଷି ଯେମିତି
ଦେହରେ ଯାଉଛି ଗଳି
ଧନୀଙ୍କ ବ୍ୟବସ୍ଥା ଏସି କରିଦିଏ
ଗରିବ ପାରେନା ଚଳି
କାହାକୁ କହିବା କିଏବା ଶୁଣିବ
ଚଉଡ଼ା ହେଉଛି ବାଟ
ଆଧୁନିକତାର ହାତଧରି ସବୁ
ନିରିଦୟେ ଗଛ କାଟ
ଢଳେଇ ସଡ଼କ କୋଠାବାଡ଼ି କେବେ
ଖରାକୁ ପାରେନା ଶୋଷି
ଏକଥା ନବୁଝି କି ଲାଭ କହିଲ
ଗରମ ଗରମ ଘୋଷି ?
ଗାଡ଼ିଘୋଡ଼ା ଆଉ କାରଖାନା ଧୂଆଁ
ପ୍ରଦୂଷିତ ଯାହା କରେ
ସେଇଥିପାଇଁକି ଅକାଳେ ମଣିଷ
ରୋଗରେ ପଡ଼ିକି ମରେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୮୧୭୩୭୨୨୮

## ବିଶ୍ୱାସ

ଅନସୂୟା ପଣ୍ଡା

ସମ୍ପର୍କ ବେଦରେ ବିଶ୍ୱାସ ଓଁକାର
ଅମୃତ ଆଳାପ କରେ ଅନୁରାଗେ
ପ୍ରେମର ମୂର୍ଚ୍ଛନା ମୁଖରିତ ହୁଏ
ମନ ଜୀବନ ତଟର ତୀରେ
ସଂସାର ଡଙ୍ଗାରେ ବିଶ୍ୱାସ ଆହୁଲା
ଅଭିପ୍ରେତ ଲକ୍ଷ୍ୟ ପଟେ ନିଏ
ଚିନ୍ତା ଚେତନାର ମନ ଦିଗ୍‌ବଳୟେ
ସୁଖ ସନ୍ତୋଷକୁ ଛୁଏଁ ଉଲ୍ଲାସରେ
ବିଶ୍ୱାସ ପରଶେ ପଥର ହରଷେ
ଜୀବନ୍ୟାସ ପାଇଯାଏ
ଝଡବତାସର ଘନ ତମସାରେ
ଶୂନ୍ୟରୁ ଶୀତଳ ପରଶ ବହେ
ବିଶ୍ୱାସ ଏମିତି ସଞ୍ଜିବନୀ ସୁଧା
ମୃତ ପିଣ୍ଡେ ପ୍ରାଣ ସଞ୍ଚେ
ହିଂସା ବାରୁଦର ପାଉଁଶ ଉପରେ
ସବୁଜ ସୃଜନ ପାଦପ ଲତାରେ
ଦୃଶ୍ୟବୋଧର ଅଙ୍ଗୀକାରେ
ଅବିଶ୍ୱାସର କାଳୀୟ ଗରଳେ
ବିଶ୍ୱାସର ବିଭୁ ବିବର୍ଣ୍ଣ ବିଦୀର୍ଣ୍ଣ ଘଟେ
ବିଶ୍ୱାସ ଛାଇରେ ଅଚିନ୍ତା ନିଦ
ଆନନ୍ଦର ମଧୁ ଶାନ୍ତିର ସୁବାସ
ମନୋପ୍ରତିନ୍ୟାସେ ବହେ
ବିଶ୍ୱାସ ରୁଅକୁ ନ କାଟୁ ପୋକ
ସ୍ୱାର୍ଥସିକ୍ତ ପ୍ରତିକୂଳତାରେ
ଅଦୃଶ୍ୟ ଲାଳସା ଉଭେଇ
ବିଶ୍ୱାସର ଚିନ୍ମୟ ଆଭାରେ
ସିକ୍ତ ହେଉ ଅରମା ମନର ତୁଠ ।

ବୁର୍ଲା, ସମ୍ବଲପୁର
ମୋ-୯୪୩୯୨୧୧୯୭୧



## ପଖାଳ



ଡଃ ସନ୍ତୋଷ କୁମାର ପଣ୍ଡା

ଟାଇଁ ଟାଇଁ ଲାଗେ ଟାଣ ଖରା
ସତେ ମୂର୍ଚ୍ଛା ଯିବ ଆମ ଧରା,
ଗମ୍ ଗମ୍ ଝାଳ ଦେହ ସାରା
ହଂସା ବୁଡ଼ିଯିବ ଦେଖ ପରା
ଧଣିଆ, ପୁଦିନା ଦହି ବରା
ଶାଗ ଖରଡ଼ାକୁ ବଡ଼ିଚୁରା,
ଆଳୁ ଭଜା ହେବ ସୋରା ସୋରା
ଟଙ୍କ ତୋରାଣି ଯେ ମୋ ନିଆରା
ମଞ୍ଜା, ବିଲାତିର ପତ୍ର ପୋଡ଼ା
ଗୋଡ଼ି ପିଆଜରେ ଲଙ୍କା ଯୋଡ଼ା
ବେସର ହୋଇବ ଛୁଇଁ, ଖଡ଼ା
ଆମ୍ବୁଲ, ତେନ୍ତୁଳି ଫଡ଼ାଫଡ଼ା
ଚିଙ୍ଗୁଡ଼ି, ପୋହଳା ମାଛ ଭଜା
ସାଥେ ଥିବେ ପୁଣି ଆଇ, ଅଜା
ପଖାଳ କଂସାର ନେବା ମଜା
ଏ ଖାଦ୍ୟ ଗ୍ରୀଷମ ଦିନ ରଜା
ପଖାଳ ପ୍ରିୟ ଯେ ମୋ ଗୋସେଇଁ
ଜଗତ କରତା ସେ ବୋଲାଇ,
ବିଶ୍ୱେ ବୁଲିଆସ ତୁମ୍ଭେ ଯାଇ
ଓଡ଼ିଆର ଖାଦ୍ୟ କାହିଁ ନାହିଁ ।

ପ୍ରଧାନାଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ
ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ,
ଗତିରାଉତପାଟଣା, କଟକ

## ପରିପୂର୍ଣ୍ଣତା

ମଧୁମିତା ମିଶ୍ର



ପରିପୂର୍ଣ୍ଣତା...
ଅଛି କି ସତେ !
ସ୍ୱର୍ଣ୍ଣାଭ ଆଭୂଷଣରେ..
ଅତ୍ୟାଧୁନିକ ବେଶପୋଷାକରେ.. !

ପରିପୂର୍ଣ୍ଣତା...
ନିହିତ ଅଛି କି !
ଧନାଢ଼୍ୟ ପରିବେଶରେ..
ଅକଳନ୍ତି ଧନସମ୍ପଦରେ.. !

ପରିପୂର୍ଣ୍ଣତା....
ଲଭ୍ୟ ହୁଏ କି !
ବାହ୍ୟ ଚକଚକ୍ୟରେ..
ସମ୍ମାନୀୟ ପରିବେଷ୍ଟନୀରେ.. !

ପରିପୂର୍ଣ୍ଣ ତ ହୋଇଥାଏ ନାରୀ...
ଦି ପଦ ଆପଣା କଥାରେ...
ଟୋପାଏ ସିନ୍ଦୂର.. ଦି ପଟ ଶଙ୍ଖାରେ..
ମାତୃତ୍ୱର ଦେବୀ ଆଭାସରେ...

ଆଉ.. ସେଇ ଏକ ସ୍ମିତହାସ୍ୟରେ...
ଯାହା ମୌନ ସମ୍ମତି ଜଣାଏ..
ମୁଁ..ତୁମ ସହ ସବୁବେଳେ ଅଛି..
ତୁମର ସବୁ ସୁଖରେ..
ଆଉ ପ୍ରତ୍ୟେକଟି ଦୁଃଖରେ ।

ଭୁବନେଶ୍ୱର
ମୋ-୯୪୩୮୪୭୦୮୦୭

## ତୁମକୁ ଦେଖିବା ପରେ

ଅରୁଣ କୁମାର ଦାସ



ଆଶା ନ ଥିଲା କେବେ ମୋର ଦେଖା ହେବ
ଦେଖିବି ଆଖି ପୂରେଇ
ହେବ ପବିତ୍ର ମୋର ପାପ ଚକ୍ଷୁ
ହଟି ଯିବ ସବୁ ପରଳ
ରହିବନି ଆଉ କିଛି ମୋର ଅଭାବ
କି ଚମତ୍କାର ଲୀଳା ଅପୂର୍ବ
ଦେଖିଥିଲି ଅତି ନିକଟରୁ ଭାରି ନିଜର ପଣରେ
ଓଠରେ ଥିଲା ଖିଲି ଖିଲି ହସର ଫରୁଆ
ଭାରି ମନଲୋଭା ସେ ଅଭୁଲା ଠାଣୀ
ଲାଗୁ ଥିଲା ମୋର ଶୂନ୍ୟ ପଣିଆ
ଏତ ଆମର ନିଛକ ବଂଧୁପଣିଆ
ବଂଧା ପଡି ଗଲି ତମ ଭାବରେ
ଭାବ ଲଗାଇ ଦେଲ ଭାବ ବିନୋଦିଆ
ସତରେ ତମେ କି ରସିକିଆ

ଭୁଲି ଯାଇଥିଲି ସବୁ କିଛି ତମକୁ ପାଇ
ନ ଦେଖିଲେ ଘଡିଏ ମୋ ଆଖି ଫୁଟି ଯାଉଥିଲା
ଲାଗୁ ଥିଲା ସବୁ ମରୁସମ
ବିରାଜୁ ଥିଲା ଏକ ନିଃସଂଗପଣିଆ
ରହି ଗଲା କିଛି ବୋଧେ ଅଭାବ ଆମ ଭାବରେ
ଜାଣି ପାରିଲିନି ଜମା ମୋ ଜଣା ପଣତରେ
ଦେଖିଥିଲି ତମକୁ ଗୁରୁ ଗମ୍ଭୀର ରୂପରେ
ଦେଖା ଯାଉଥିଲ ପୁରା ଚୁପ୍ ଚାପ୍
ହୋଇ ଯାଉଥିଲି ଅଣ ଦେଖା
ଜମା ପରତେ ଗଲାନି ଏଇ ତମ ଦର୍ଶନରେ
ଏ କି ବିଡମ୍ବନା ମୋର ଭାଗ୍ୟରେ
ହେ କରୁଣା ମୟ
ବଞ୍ଚିତ ନ କର ମୋତେ ତମ କରୁଣାରେ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର
ମୋ-୯୯୩୮୭୩୩୦୭୫



## ବାସନ୍ତି ଅପା

ବିମଳଚନ୍ଦ୍ର ପଟ୍ଟନାୟକ

ପ୍ରତିଦିନ ଭଳି ସେଦିନବି ସେ ଖୁବ୍ ବଡ଼ ବଡ଼ ପାହୁଣ୍ଡ ପକାଇ ଚାଲିଥାଆନ୍ତି । କାନ୍ଧରେ ଭ୍ୟାନିଟି ବ୍ୟାଗ୍, ବାଁ ହାତରେ ଛତା, ଡାହାଣ ହାତରେ ଟିଫିନ୍ ମୁଣୀ ସହ ସେଇ ୟୁନିଫର୍ମ ଶାଢ଼ି ତାଙ୍କୁ ଶୀଘ୍ର ଚାଲିବାରେ ଅଡୁଆରେ ପକାଉଥାଏ । ରିକ୍ସାଟିଏ କିମ୍ବା ଅଟୋରେ ଗଲେ ହୁଅନ୍ତା ଯେ ହେଲେ ସେଥିପାଇଁ ନିତି ପଚିଶି-ତିରିଶି ଖର୍ଚ୍ଚ କରିବା ତାଙ୍କୁ ଠିକ୍ ଲାଗୁନଥିଲା । ଚାଲିବା ଭିତରେ ସେ ବାରମ୍ବାର ନିଜ ହାତ ଘଣ୍ଟାକୁ ଦେଖୁଥାଆନ୍ତି ।

- ଆଜି ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ । ଆଠଟା ସୁଦ୍ଧା ପହଞ୍ଚିଯିବା ଦରକାର । ନହେଲେ ସେ ହେଡ୍‌ମାଷ୍ଟର ବୁଢା ଖାଲି ଗରଗର ହେବ ।

ଏମିତି ଭାବୁଥିବା ଭିତରେ ହଠାତ୍ ଗୋଟିଏ କଳାରଙ୍ଗର ପଲ୍‌ସର ଗାଡ଼ି ଆସି ଅଟକିଲା । ସେ ଟିକିଏ ଶଙ୍କିଗଲେ ଆଉ ନିଜ ତନ-ମନକୁ ସୁଦୃଢ କରିବାକୁ ଲାଗିଲେ । ସେତିକିବେଳେ ଗାଡ଼ିରୁ ଓହ୍ଲାଇ ଜଣେ ସୌମ୍ୟ ସୁନ୍ଦର ଯୁବକ ତାଙ୍କ ପାଦଛୁଇଁ ପ୍ରଣାମ କଲେ ଆଉ କହିଲେ, ଅପା ପ୍ରଣାମ, ଆସନ୍ତୁ ମୁଁ ଆପଣଙ୍କୁ ସ୍କୁଲରେ ଛାଡିଦେବି । ଏମିତି ଅନେକ ଲୋକ ତାଙ୍କୁ ନିତି ଡାକିଆନ୍ତି ସ୍କୁଲ୍‌ରେ ଛାଡି ଦେବାପାଇଁ । ହେଲେ ସେ କେବେବି କାହା ସହ ଯାଆନ୍ତିନାହିଁ । ନଯିବାର କୌଣସି ବ୍ୟକ୍ତିଗତ କାରଣ ନଥିଲେବି ଅନେକ ସାମାଜିକ କାରଣ ଓ କାରକ ତାଙ୍କୁ ବାଧା ଦିଏ । ଆଜି କିନ୍ତୁ ଘଟଣାଟି ଟିକେ ଅଲଗା ପ୍ରକାରର । ପିଲାଟି ଯେଉଁ ଢଙ୍ଗରେ ଡାକିଲା ସେଥିରେ ସେ ଗୋଟିଏ ଭକ୍ତି ମିଶ୍ରିତ ଆପଣାପଣ ଦେଖିବାକୁ ପାଇଲେ । ସେ ନିଜର ସମ୍ମତି ଜଣାଇବା ପୂର୍ବରୁ ପିଲାଟି କହିଲା, ଅପା ଚିହ୍ନିପାରିଲେନି ନା କଣ ? ମୁଁ ପା' ସୁକୁର କ୍ଲାସ୍‌ମେଟ୍ ସୌମ୍ୟ, ସୌମ୍ୟରଞ୍ଜନ ଟେନ୍‌ଥରେ ଆମକୁ କେତେ କାନମୋଡ଼ି ତାଗିଦ କରି ଟିଉସନ୍ ପଢାଇଥିଲେ । ଆଜି ମୁଁ ଯାହାକିଛି ହେଇଛି ସେଥିରେ ଆପଣଙ୍କ ଅବଦାନ ତ ନିଶ୍ଚିତ ରହିଛି । ଆଉ ମଉସା, ମାଉସୀ, ସୁକୁ, ଆଶୁ କେମିତି ଅଛନ୍ତି ? ସୁକୁର ତ ବାହାଘର ହୋଇସାରିଥିବ ନୁହେଁ ? ଆଉ ଆପଣ ଏବେ ବି.....

ପିଲାଟିର ପ୍ରଶ୍ନଗୁଛକୁ ସେଇଠି ଅଟକାଇ ସେ କହିଲେ, ଆରେ ସୌମ୍ୟ, ତୁ ତ ପୁରା ବଦଳିଯାଇଛୁ । ମୁଁ ହଠାତ୍ ତୋତେ ଠଉରେଇ ପାରିଲିନି । ମୋର ଡେରି ହେଉଛି । ମାଟ୍ରିକ୍ ପରୀକ୍ଷା ଅଛି ତ ପରେ କେବେ କଥା ହେବା ହାଁ ।

ତୁରନ୍ତ ପିଲାଟି କହିଲା, ଅପା ଆସୁନାହାନ୍ତି ଛାଡିଦେବି । ମୁଁ ତ ସେଇପଟେ ବ୍ୟାଙ୍କ ଯାଉଛି । ମୁଁ ଏଥର ଟ୍ରାନ୍ସଫର ମାଗି ଚାଲିଆସିଲି । କିଛିଦିନ ତ ବାପା ମାଆଙ୍କ ପାଖରେ ରହିହେବ ।

କହୁ କହୁ ପିଲାଟି ବାଇକ୍ ଷ୍ଟାର୍ଟ କରି ତାଙ୍କର ବସିବାକୁ ଅପେକ୍ଷା କରି ରହିଲା । ସେ ବି ଥରେ ଘଣ୍ଟାକୁ ଦେଖି ଚୁପ୍‌ଚାପ୍ ବସିଗଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ ହିଁ ସେ ଆସି ସ୍କୁଲ୍‌ରେ ପହଞ୍ଚି ଗଲେ । ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ଧନ୍ୟବାଦଟିଏ ଦେଇ ଆଗକୁ ବଢ଼ିଲା ବେଳକୁ କହିଲେ ଆଛା ସମୟ ହେଲେ ଘରଆଡ଼େ ଆସିବୁ ।

ପିଲାଟି ପୁନଃ ନମସ୍କାର ମୁଦ୍ରାରେ ରହି କିଛି କହୁଥାଏ, ହେଲେ ସେ ଆଉ ଶୁଣିବା ସ୍ଥିତିରେ ନଥାନ୍ତି । ତରବର ହୋଇ ଅଫିସ୍ ଗଲାବେଳକୁ କିଛି କଲିଗ ତାଙ୍କୁ ଏମିତି ଅନେଇଥାନ୍ତି ଯେମିତି ସେ କୌଣସି ବିଚିତ୍ର ଜୀବ । ଏହାର ସଠିକ୍ କାରଣ ସେ ଠିକ୍ ଜାଣିପାରିଥିଲେ ବି କାହା ଆଡକୁ ଟିକିଏ ବି ନଜର ନଦେଇ ଚାଲିଲେ ଅଫିସ ଭିତରକୁ । ସେଦିନର ଚାର୍ଟ ଦେଖି ଜାଣିଲେ ଯେ ତାଙ୍କୁ ଇନ୍‌ଭିଜିଲେଟର ଡ୍ୟୁଟି ପଡିନାହିଁ । ଟିକିଏ ଆଶ୍ୱସ୍ତ ହେଇ ସେ ଚାଲିଗଲେ କମନ୍ ରୁମ୍‌କୁ । ଏକୁଟିଆ ବସି ପିଲାଟିର ସୁନ୍ଦର ଆଳାପକୁ ମନେପକାଇ ସେ ନିଜର ସ୍ମୃତିଭିତରେ ବୁଡ଼ିଗଲେ ।

ଠିକ୍ କୋଡ଼ିଏ ବର୍ଷ ହେଇଛି କି ନାହିଁ କେତେବେଳେ ଯେ ସେ ଘରର ସମସ୍ତ ଦାୟିତ୍ୱ ନିଜେ ବହନ କରିନେଲେ ଆଜି ବି ମନେପକାଇ ଠିକ୍ ସମୟଟି ନିର୍ଦ୍ଧାରିତ କରିପାରୁନଥାନ୍ତି । ବାପାଙ୍କ ବେସରକାରୀ କମ୍ପାନୀ ଚାକିରିରୁ ଛଟେଇ କରିଦେବାପରେ ସାନଭାଇ ଆଶୁତୋଷ ଓ ଭଉଣୀ ସୁକାନ୍ତିର ପାଠପଢା ଠାରୁ ଆରମ୍ଭ କରି ଘରର ସମସ୍ତ ସଉଦା, ଇଲେକ୍ଟ୍ରି ବିଲ୍, ଟିଭି ବିଲ୍, ପାଣି ବିଲ୍ ଇତ୍ୟାଦିର ଭାର ନିଜେ ସମ୍ଭାଳି ବାପଙ୍କୁ ସାହାରା ଦେବାକୁ ଅଣ୍ଟାଭିଡିଥିବା ଘରର ସେ ବଡ଼ ଝିଅ ବାସନ୍ତି କେତେବେଳେ ଯେ ଘରର ତମାମ ଦାୟିତ୍ୱ ନେଇ 'ବାସନ୍ତି'ରୁ 'ବାସନ୍ତି ଅପା' ହେଇଗଲା ତାହା ସେ ନିଜେ ବି ଜାଣିନଥାନ୍ତି । ସେପଟେ ସମସ୍ତ କଲିଗ ପରୀକ୍ଷା ସାରିବା ପରେ ବାରଣ୍ଡାରେ ନିଜ ନିଜର ଗୁଲିଖଟିରେ ଲାଗିଥାନ୍ତି । କିଏ କାହାର ସୁନା କାନଫୁଲର ଦର ପଚାରୁଥାଏ ତ ଆଉ କିଏ ଗତକାଲି ସହରକୁ ଆସିଥିବା ନୂଆ ଶାଢି ସେଲ୍ ବିଷୟରେ ବଖାଣୁଥାଏ । ଏସବୁ ଶୁଣି ବାସନ୍ତି ଚିଡିଚିଡା ପ୍ରାୟ ହେଇଯାଉଥାନ୍ତି । ଭାବୁଥାନ୍ତି, ଏମାନଙ୍କୁ ଆଉ କଣ କୌଣସି କାମ ନାହିଁ ? ସବୁବେଳେ ଏସବୁ ଚଷ୍ମକୁଟା କଥାରେ ସମୟତକ ନଷ୍ଟ କରୁଛନ୍ତି ?

ଠିକ୍ ଏ ସମୟରେ ଶୁଣାଗଲା, ଜାଣିଛ ନା ମେମ୍ ଆଜି ଓଡ଼ିଆ ମେମ୍ ଜଣେ ଟୋକା ସହିତ ବାଇକ୍‌ରେ ଆସିଲେ । ଟୋକାଟା ପୁରା ହାଣ୍ଡସମ୍ ଦିଶୁଥିଲା । ବିଚରା କେଜାଣି କେମିତି ଏ ଆଉଟ୍‌ଡେଟେଡ୍ ପିସ୍ ପଛରେ.....

ମୁହଁରୁ କଥା ଛଡ଼ାଇ ଇଂଲିଶ ସାର୍ କହୁଥାନ୍ତି, ମେଡାମ ପୁରା ଚୋଖା ଟୋକାଟାକୁ ପଟେଇଛନ୍ତି । ଆମେ ଡାକିଲେ ସିନା ଆମ ବାଇକ୍‌ରେ ଆସିବେନି ! ହଁ ଆମର କ'ଣ ଆଉ ସେ ବଳ ବୟସ ଅଛି ?

ତାପରେ ଗୋଟିଏ ସମବେତ ଖୋଲା ହସ ସ୍କୁଲସାରା ଖେଳିଗଲା । ବାସନ୍ତି ଏସବୁ ଶୁଣି ପୁରା ରକ୍ତ ଚଉଳ ଚୋବାଉଥାନ୍ତି । ତାଙ୍କୁ ଲାଗୁଥାଏ ଏଇ ସାଙ୍ଗେ ସାଙ୍ଗେ ଯାଇ ସମସ୍ତଙ୍କୁ ଚପଲରେ ସେକିଦେଇ ଆସନ୍ତେ କି ? କି ବିକୃତ ମାନସିକତା ଏମାନଙ୍କର ! ଜଣେ ପୁଅପିଲା ସାଥୀରେ ଆସିଗଲେ ବୋଲି ଏମିତି କହିବେ ? ଏମାନେ ପୁଣି ନିତି ଲିଫ୍ଟ ଦେଇ ଆଣିଥାନ୍ତେ ସ୍କୁଲକୁ ? ଛି, ଧିକ୍ ଏମାନଙ୍କ ଚିନ୍ତନକୁ । କହିବା ପୂର୍ବରୁ ଟିକେ ଚିନ୍ତା ବି କରୁନାହାନ୍ତି ଯେ କଥାଗୁଡାକ ଆଉ କାହାର ମନରେ କି ପ୍ରଭାବ ପକାଇବ ?

ମନକୁ ଟିକିଏ ସଞ୍ଜତ କରି କମନ୍‌ରୁମ୍‌ରୁ ବାହାରିଲେ ବାସନ୍ତି । ବାରାଣ୍ଡାରେ ଠିଆ ହୋଇଥିବା ସମସ୍ତ କଲିଗ ତୁରନ୍ତ ଚୁପ୍ ହୋଇ ପରସ୍ପରକୁ କିଛି ଇସାରା କରିବାରେ ଲାଗିଲେ । ବାସନ୍ତି ସମସ୍ତଙ୍କୁ ଗୋଟିଏ ତୀକ୍ଷଣ ନଜରରେ ଦେଖି ନିଜର ଚିରାଚରିତ ବଡ଼ ବଡ଼ ପାହୁଣ୍ଡ ପକାଇ ଘରମୁହାଁ ହେଲେ ।

ଘରେ ପହଞ୍ଚୁ ପହଞ୍ଚୁ ଦେଖିଲେ ମାଆ ପୂରାପୂରି ରୋଷେଇ ଘରେ ବ୍ୟସ୍ତ । ଯାଇ ଦେଖନ୍ତି ତ କିଛି ସ୍ୱତନ୍ତ୍ର ରୋଷେଇର ପ୍ରସ୍ତୁତି ଚାଲିଛି । ସେ କିଛି ପଚାରିବା ପୂର୍ବରୁ ମାଆ କହିଲେ, ଆରେ ତୁ ଆସିଗଲୁ ? ଜାଣିଛୁ ସକାଳେ ସୁକାନ୍ତି ଫୋନ୍ କରିଥିଲା । କାଲି ସକାଳୁ ଜୋଇଁ ଆସୁଛନ୍ତି । ତାଙ୍କର କଲକ୍ଟ୍ରିଏଟରେ କିଛି କାମ ଅଛି । ସେଥିପାଇଁ ସେ କହିବା ଅନୁସାରେ ଜଳଖିଆ, ତରକାରୀ କରିବାକୁ ହେବ । ସେଥିପାଇଁ ପରା ତୋ ବାପା ଦିପହର ଖରାରେ ବଜାର ଯାଇ ସଉଦା କରି ଆସିଲେ । ତୁ ଟିକେ ଗୋଡାହାତ ଧୋଇ ଆସନ୍ତୁ ନି, ମୋତେ ଟିକେ ସାହାଯ୍ୟ କରନ୍ତୁ । ସୁଜିଲଡ୍ଡୁ ପରା ମୁଁ ଠିକ୍ ଭାବରେ ବାନ୍ଧି ପାରେନାହିଁ ।

ତୁରନ୍ତ ବାସନ୍ତିଙ୍କ ମନର ସମସ୍ତ ରାଗ, ରୋଷ, ଆଉ ବିଷାଦ ଉଗ୍ର ରୂପ ଧାରଣ କରିନେଲା । ପୁରା ଚଡାଗଳାରେ ମା' ଉପରେ ବର୍ଷିପଡି କହିଲେ - ଓଃ ସେଥିପାଇଁ ତୋର ପାଦ ଆଉ ତଳେ ପଡୁନି ? ମଣିଷ କେତେ ଷ୍ଟ୍ରେସ୍ ନେଇ ଖରାତରାରେ ଆସିଲା ବେଳକୁ ଥଣ୍ଡାପାଣି ଟିକିଏ ଆମ ଭାଗ୍ୟରେ ନାହିଁ । ଜୋଇଁ କାଲିକି ଆସିବ ଯେ ତାପାଇଁ ଆଜିଠୁ ତତ୍ପର ? ତୋ ଜୋଇଁଟା କୋଉ ଲାଟ୍‌ସାବ କି ? ଛାର କିରାଣୀଟାଏ ତ । ଆଉ ତୋର ସେ ଗେହ୍ଲା ସାନ ଝିଅକୁ କହିଲୁନି ସିଏବି ସାଥିରେ ଆସନ୍ତା ଆଉ ତା' ହାଜବ୍ୟାଣ୍ଡକୁ ତା'ର ମନପସନ୍ଦର ରାନ୍ଧିକି ଖୁଆନ୍ତା । ଲଭ୍ କରିକି ବାହା ହେଇଥିଲା ନା, ତାର ଲଭ୍‌କୁ ଏତେ ମୁଣ୍ଡରେ ବସେଇବାର ଅଛି ଯଦି ତାହେଲେ ସେ ନିଜେ ବସାଉ । ଅଯଥାରେ ଆମମାନଙ୍କ ଉପରେ ସେସବୁ ଲଦିଦେବାକୁ ସେ କିଏ ? ତୁ ଆଉ ବାପା କଥା କହନା । କେବେ ସେ ଔଷଧ ଟିକିଏ ଆଣିବାକୁ ଯାଇଛନ୍ତି ? ସବୁବେଳେ ଅପେକ୍ଷା ଥାଏ ଏଇ ବାସନ୍ତିକୁ ? କାହିଁକି, ମୁଁ କ'ଣ ଘରର ସମସ୍ତ କାମ କରିବାକୁ ଠିକା ନେଇଛି ? ଆଜି ଖରାରେ ସଉଦା ଆଣି ଦେଇ କି ବଡ଼ କାମଟା କରିପକାଇଲେ ଶୁଣେ ?

ବାପା ମାଆ ଦୁଇଜଣଯାକ ଝିଅର ଏମିତି କଥା ଶୁଣି ପୁରା ସ୍ତବ୍ଧ ହେଇଗଲେ । କେବେ ମୁହାଁମୁହିଁ କିଛି କହୁନଥିବା ଝିଅଟାର ଆଜି ଏ କି ରୂପ ? ମନକୁ ଆଣ୍ଟ କରି ତୁରନ୍ତ ମାଆ ବାସନ୍ତିକୁ କୁଣ୍ଢାଇ ପକାଇ ପଚାରିଲେ, କ'ଣ ହେଲା ଲୋ ମା', ସ୍କୁଲରେ କ'ଣ କିଛି ଅସୁବିଧା ହେଇଛି ?

ମାଆଙ୍କର ଏତକ କଥାରେ ବାସନ୍ତୀ ଭୋ ଭୋ କରି କାନ୍ଦିବାକୁ ଲାଗିଲେ । ଆଉ କାହାକୁ କିଛି ନକହି ନିଜର ରୁମ୍‌କୁ ଚାଲିଗଲେ । ଘରେ ଗୋଟିଏ ଶୁନ୍‌ଶାନ୍ ବାତାବରଣ ଖେଳିଗଲା ।

ରାତି ପ୍ରାୟ ଆଠଟା ହେବ, ଘରର କଲିଙ୍ଗବେଲ୍ ବାଜିଲା । ବାସନ୍ତୀଙ୍କ ମାଁ କବାଟ ଖୋଲୁଖୋଲୁ, ସାମ୍ନାରେ ସୌମ୍ୟ ପ୍ରଣାମ ଜଣାଇ ନିଜର ପରିଚୟ ଦେଇ ଘରଭିତରକୁ ପ୍ରବେଶ କଲା । ବାସନ୍ତି ବି ନିଜ ରୁମ୍‌ରୁ ଆସି କିଛି ସମୟ କଥା ହେଲେ । ତାପରେ ସେ ଚାଲିଗଲା । ବେଳେ ବେଳେ ସୌମ୍ୟ ଏମିତି ଘରକୁ ଆସେ । ବାସନ୍ତିଙ୍କ ବାପା ମାଆଙ୍କ ସହ ଅନେକ ଗୁଲିଖଟି କରେ । ଫୋନ୍‌ରେ ଆଶୁତୋଷ ଆଉ ସୁକାନ୍ତି ସହିତ ବି କଥା ହୁଏ ।

ଦିନେ ବାସନ୍ତି ସ୍କୁଲରୁ ଘରକୁ ଆସି ଦେଖନ୍ତି ତ ତାଙ୍କର ଗେଷ୍ଟ ରୁମ୍‌ରେ କିଏ ଜଣେ ଅଛନ୍ତି । ମାଁଙ୍କୁ ସେ ବିଷୟରେ ପଚାରି ବୁଝି ଜାଣିବାକୁ ପାଇଲେ ଯେ ସେ ତାଙ୍କର ନୂଆ ଭଡାଟିଆ । ଷ୍ଟେଟ୍ ବ୍ୟାଙ୍କରେ କାମ କରନ୍ତି । ସୌମ୍ୟ କହିବାରୁ ତାଙ୍କୁ ଭଡା ଦିଆଯାଇଛି । ବାସନ୍ତି, ମନେ ମନେ ଟିକେ ବିରକ୍ତ ହେଲେ ବି ଘର ଖର୍ଚ୍ଚରେ କିଛିଟା ସାହାଯ୍ୟ ହେଇଯିବ ଭାବି ଚୁପ୍ ରହିଲେ ହେଲେ ନିତି ତାଙ୍କର ସନ୍ଧ୍ୟାରେ ଛାତରେ ଟିକେ ସମୟ କଟାଇବା ସେଦିନଠୁ ବନ୍ଦ ହୋଇଗଲା । ଧୀରେ ଧୀରେ ସେ ସେଥିରେ ଅଭ୍ୟସ୍ତ ହେଇଗଲେ ।

ଲୋକଟି ବେଳେ ବେଳେ ବାସନ୍ତିଙ୍କ ଘରକୁ ବି ଆସନ୍ତି । ବାସନ୍ତିଙ୍କ ବାପା ତାକୁ ପ୍ରାୟ ସନ୍ଧ୍ୟା ଚା ବେଳେ ଡାକନ୍ତି ଆଉ ଢେର ଗପସପ କରନ୍ତି । କଥାରେ କଥାରେ ସେ ବାସନ୍ତିଙ୍କ ସହ ବି କଥା ହେବାକୁ ଚେଷ୍ଟା କରନ୍ତି । କିନ୍ତୁ ବାସନ୍ତି ସବୁବେଳେ ହାତେ ମାପି ଚାଖଣ୍ଡେ ଚାଲନ୍ତି । କ୍ରମଶଃ ସେ ବାସନ୍ତିଙ୍କ ମାଁଙ୍କ ଅତି ପ୍ରିୟ ହେବାକୁ ଲାଗିଲେ । ନିତି ରାତିରେ ମାଁ ତାଙ୍କୁ ରୁଟି ତରକାରୀ ନେଇ ଦିଅନ୍ତି । ଥରେ ବାସନ୍ତି ବିରୋଧ କରିବାରୁ ମାଁ କହିଲେ, ଜାଣିଛୁ ବାସନ୍ତି, ପିଲାଟା ଭାରି ଦୁଃଖୀ । ବାହାଘର ପରେ ଚତୁର୍ଥୀ ରାତିରେ ହିଁ ତା ସ୍ତ୍ରୀ ଘରଛାଡି ଚାଲିଗଲା ତା' ପ୍ରେମିକ ସହିତ । ଆଉ ପାଞ୍ଚ ବର୍ଷ ହେଲାଣି ତାଙ୍କର ଛାଡପତ୍ର କେସ୍ ଚାଲିଛି । ଘରେ କେବଳ ତାର ମାଁ ଆଉ ବାପା ଅଛନ୍ତି । ପିଲାଟାକୁ ରୋଷେଇ ଆସେନାହିଁ । ସବୁବେଳେ ହୋଟେଲ୍‌ରେ ଖାଇଖାଇ ବିରକ୍ତ ଲାଗୁଛି ବୋଲି କହୁଥିଲା । ସେଥିପାଇଁ ମୁଁ ବେଳେ ବେଳେ କିଛି ଦେଇଦେଉଛି । ତୁ କହିବୁ ଯଦି ଆଉ ଦେବିନି ।

ସଙ୍ଗେ ସଙ୍ଗେ ବାସନ୍ତି କହିଲେ, କାହିଁକି, ତୁ କ'ଣ ଦେଲାବେଳେ ମୋତେ ପଚାରି ଦେଇଥିଲୁ ? ତୋର ଯାହା କରିବାର ଅଛି ତୁ ସେଇଆ କର । ହେଲେ ସେଇ ଲୋକଟିର ଚିକ୍କଣ କଥାରେ ଆଉ ଭୋଳ ହେଇଯାଆନା । କେଜାଣି ସତ କହୁଛି କି ମିଛ ?

ଦିନେ ସ୍କୁଲରୁ ଫେରି ବାସନ୍ତି ଦେଖନ୍ତି ତ, ବାରଣ୍ଡାରେ ସମସ୍ତେ ବସିଛନ୍ତି । ସୌମ୍ୟ ବି ଆସିଛି । ବାସନ୍ତି ପହଞ୍ଚୁ ପହଞ୍ଚୁ ଲୋକଟି ନିଜ ଚେୟାରରୁ ଉଠିପଡି ଗୋଟିଏ ମିଠା ପେଟି ତାଙ୍କ ଆଡକୁ ବଢାଇଦେଲା । ସୌମ୍ୟ କହୁଥାଏ, ଅପା ନିଅ, ଆଜି ସାରଙ୍କ କେସ୍ ଫାଇନାଲ୍ ହେଇଗଲା । ସାର୍ ଜିତିଗଲେ ପରା । ବାସନ୍ତି କିଛି ନକହି ଗୋଟିଏ ମିଠା ଧରି ସିଧା ଘରଭିତରକୁ ପଶିଗଲେ । ଗଲାବେଳେ ବାପା କହୁଥିଲେ, ଝିଅ ଆଜି ଆଶୁତୋଷ ଫୋନ୍ କରିଥିଲା । ତୁ ତ ସ୍କୁଲରେ ଥିଲେ କାହା ଫୋନ୍ ଉଠାଉନୁ । ସେଥିପାଇଁ କହୁଥିଲା ତୋତେ ଫୋନ୍ କରିବାକୁ ।

ବାସନ୍ତି ଖଟରେ ଗଡପଡ ହେଇ ଭାଇ ଆଶୁକୁ ଫୋନ୍ ଲଗାଇ ଜାଣିବାକୁ ପାଇଲେ ଯେ ସେ ଏମ୍‌ଟେକ୍‌ରେ ଜଏନ୍ କରିବ । ସେଥିପାଇଁ ତାକୁ ଏ ବର୍ଷ ଚାରି ଲକ୍ଷ ଟଙ୍କା ଦରକାର । ଏମ୍‌ଟେକ ପରେ ସେ କୁଆଡ଼େ ଫରେନ୍‌ରେ ଭଲ ଚାକିରି ଅଫର୍ ପାଇବ । ବାସନ୍ତି ଭାଇର ହାଇ ଏଡ୍‌ମିସନ୍‌ଆଗରେ ନିଜର ଅପାରଦର୍ଶତା ଲୁଚାଇବା ହିଁ ଠିକ୍ ଭାବିଲେ । କୁଆଡୁ କେମିତି ହେଲେ ଟଙ୍କା ଯୋଗାଡ କରିବାକୁ ଅଣ୍ଟାଭିଡି ବାହାରିବାକୁ ହେବ ବୋଲି ଭାବି ରାତିସାରା ତାଙ୍କୁ ନିଦ ଆସୁନଥାଏ । ସକାଳୁ ବାପା କହିଲେ, ବାସନ୍ତି ଆମର ଏଇ ଘରଟା ବନ୍ଧା ଦେଇଦେଲେ କେମିତି ହୁଅନ୍ତା ।

- ବଢିଆ କଥା କହିଲ ବାପା । ତାପରେ ଆମେ କୁଆଡେ ଯିବା କହିଲ ? ଗଛ ମୂଳକୁ ? ଏତକ କହି ସେ ରାଗ ଆଉ ଭାରାକ୍ରାନ୍ତ ମନ ନେଇ ଛାତ ଉପରକୁ ଚାଲିଗଲେ ।

ଟେରିସ୍ ଉପରେ ଥିବା ବେତ ଦୋଳିରେ ବସି କିଛି ଭାବିଲା ବେଳକୁ କାହାର ପାଦ ଶବ୍ଦ ତାଙ୍କୁ ପ୍ରକୃତିସ୍ଥ କଲା । ବୁଲିପଡି ଦେଖନ୍ତି ତ ସାମ୍ନାରେ ସେଇ ଭଡାଟିଆ । ସାମାନ୍ୟ ଟିକିଏ ଶଙ୍କି ଯାଇ ଉଠିପଡିଲା ବେଳକୁ ଲୋକଟି କହିଲେ, ନା ନା ବସନ୍ତୁ ନା । ମୁଁ ଏଇ ସାଙ୍ଗେ ସଙ୍ଗେ ଲୁଗା ଶୁଖାଇ ଚାଲିଯିବି । ଆଚ୍ଛା ଗୋଟେ କଥା ପଚାରିବି ? ଆପଣ ଆଜି ଏତେ ଚିନ୍ତିତ ଲାଗୁଛନ୍ତି । କାରଣଟା କଣ ଜାଣିପାରେ କି ?

ବାସନ୍ତିଙ୍କ ମନରେ ଟିକିଏ ବିରକ୍ତି ଭାବ ଉଦ୍ରେକ ହେଲେ ମଧ୍ୟ କେଜାଣି କାହିଁକି ସେଦିନ ଲୋକଟିର କଥାରେ ଟିକିଏ ଆପଣାପଣ ଅନୁଭବ କଲେ ଆଉ ସେଇ ଅପରିଚିତ ଲୋକଟି ପାଖରେ ନିଜର ସମସ୍ୟାଟି ଉପସ୍ଥାପନ କରିଦେଲେ । ଲୋକିଟି ବି ସାନ୍ତ୍ୱନା ଦେଇ କହିଲେ, ଆପଣ ଯଦି କିଛି ଖରାପ ଭବିବେନି ତାହେଲେ ମୁଁ ଗୋଟେ ପ୍ରସ୍ତାବ ଦେବି ? ଆପଣ ଭାଇ ପାଇଁ ଷ୍ଟଡିଲୋନ୍ କରାଇଦେଉନାହାନ୍ତି କାହିଁକି ? ଚାକିରି କଲାପରେ ସେ ତାର ଲୋନ୍ ଶୁଝିବନି ?

ବାସନ୍ତି କହିଲେ, କହିବା ଯେତେ ସହଜ, କରିବାଟା କ'ଣ ସେତେ ସରଳ ? ଆଜିକାଲି ବ୍ୟାଙ୍କଗୁଡାକୁ ଦୌଡି ଦୌଡି ଲୋକଙ୍କ ଚପଲ ସରିଯାଉଛି ପରା ।

- ସେକଥା ମୋ ଉପରେ ଛାଡିଦିଅନ୍ତୁ । ଆପଣ କାଲିକି ମୋତେ ଭାଇର ସବୁ ଡିଟେଲ୍ ଦିଅନ୍ତୁ । ସପ୍ତାହକ ଭିତରେ ଲୋନ୍ ସାଙ୍କସନ୍ କରାଇବା ମୋ କାମ ।

ମୌନରେ ସମ୍ମତି ଜଣାଇ ବାସନ୍ତି ଗୋଟିଏ ହାଲୁକା ମନରେ ସେଦିନ ସ୍କୁଲକୁ ଗଲେ । କ୍ରମଶଃ ସେ ଲୋକଟି ସହିତ ଧୀରେ ଧୀରେ ସହଜ ହେବାକୁ ଲାଗିଲେ । ସନ୍ଧ୍ୟା ଚାରେ ବି ସେ ନିଜକୁ ସାମିଲ୍ କରିଲେ ।

ଦିନକର କଥା ବାସନ୍ତିଙ୍କ ମାଁ ଆସି କହିଲେ, ମାଁ ଲୋ ଗୋଟେ କଥା କହିବି ? ଆଜି ସକାଳେ ସୌମ୍ୟ ଆସିଥିଲା। କହୁଥିଲା ସୁରଞ୍ଜନ, ଆମ ଭଡାଟିଆ ବା, ତୋତେ କୁଆଡେ ପସନ୍ଦ କରନ୍ତି । ତୁ କଣ କହୁଛୁ ? କଥାଟା ଆଗକୁ ବଢାଇବା ?

ଗୋଟିଏ ଘାଇଲା ବାଘୁଣୀ ପରି ବାସନ୍ତି ମାଁଙ୍କ ଉପରେ ବର୍ଷିଉଠି କହିଲେ, ମାଁ ମୁଁ ତୋତେ ଆଗରୁ ସତର୍କ କରିଦେଇଥିଲି ନା ମନେ ଅଛି ତୋର ? ଲୋକଟିର ଚରିତ୍ର ଉପରେ ମୋତେ କେବେଠୁ ସନ୍ଦେହ ହେଉଥିଲା । ତା'ଛଡା ମୋ ବାହାଘର କଥା କେବେଠୁ ତୁମମାନଙ୍କ ମନରେ ଆସିଲାଣି ? ଏଇ ବୟସରେ ମୁଁ କଣ ପାଇଁ ବାହା ହେବି ? ମୋର ବୟସ ଥିଲା ବେଳେ ତ ମୋ କଥା କେବେ ତୁଣ୍ଡରେ ଧରିନେଥିଲ ? ଆଜି ଏତେ ଦରଦ କଣ ପାଇଁ ? ତମର ଗେହ୍ଲା ପୁଅ ଆଉ ଗେହ୍ଲା ଝିଅର ସବୁ କାମ ସରିଯିବା ପରେ ମୋ କଥା ତମମାନଙ୍କ ମନକୁ ଆସିଲା ନୁହେଁ ? ମୁଁ ବାହା ହେଇ ଚାଲିଗଲେ ତମମାନଙ୍କର କଣ ହେବ ? ଫରେନ୍ ଯିବାକୁ ସ୍ୱପ୍ନ ଦେଖୁଥିବା ତମର ପୁତ୍ରମଣି କ'ଣ ତମକୁ ତା ସାଥିରେ ନେଇକି ଯିବ ବୋଲି ଭାବୁଛ ? ସେ ଦିବା ସ୍ୱପ୍ନ ଆଉ ଦେଖନା କି ମୋତେ ବି ଦେଖାନା, ବୁଝିଲୁ ? ଆଉ ବାପା, ଏଇ ଦଶ ବାର ବର୍ଷ ଭିତରେ ସେ କେବେ ଲୁଣ ଟିକିଏ ଆଣିବା ତୁ ଦେଖିଛୁ ? ମୋତେ ବାହାଦେଇ ଏ ସମାଜ ଆଗରେ ତୁ ମୋର କି ପରିଚୟ ସୃଷ୍ଟି କରିବାକୁ ଚାହୁଁଛୁ ? ଆଧା ବୟସର ଝିଅଟା ନିଜର ବୁଢା ବାପା ମାଁଙ୍କୁ ଛାଡି ଚାଲିଗଲା ବୋଲି ଲୋକେ କହିଲେ, ତୁ ସମ୍ଭାଳି ପାରିବୁ ? ହଁ ଗୋଟେ କଥା ତ ଭୁଲିଯାଇଥିଲି ଚାରିଲକ୍ଷ ଟଙ୍କା ଲୋନ୍ ଯଦି ତମର ପ୍ରିୟପୁତ୍ର ଭବିଷ୍ୟତରେ ନ ଶୁଝେ ତାହେଲେ ସେଇଟାକୁ ମୋତେ ହିଁ ଶୁଝିବାକୁ ପଡିବ । କାରଣ ମୁଁ ସେଇ ଲୋନ୍‌ର ଗ୍ୟାରେଣ୍ଟର ଅଛି ।

ଏତିକି କହି ବାସନ୍ତି ସିଧାସିଧା ଛାତ ଉପରକୁ ଚାଲିଗଲେ । ଟେରିସ୍‌ର ଦୋଳିଟି ଝୁଲୁଥାଏ, ସତେଯେମିତି କେହିଜଣେ ଏଇ ସଙ୍ଗେ ସଙ୍ଗେ ସେଠାରୁ ଉଠି ଚାଲିଯାଇଛି । ହାତରେ ଦୋଳିଟିକୁ ଧରି ସ୍ଥିର କଲା ବେଳକୁ ସାମ୍ନାରେ ସୁରଞ୍ଜନ ଆସି ଉପସ୍ଥିତ । ତାଙ୍କୁ ଦେଖି ବାସନ୍ତି ସେଠୁ ଚାଲିଯିବାକୁ ଉଦ୍ୟତ ହୁଅନ୍ତେ ସେ କହିଲେ, ଶେଷଥର ପାଇଁ କିଛି କହିଥାନ୍ତି । ଆଉ ଆପଣଙ୍କୁ ଯଦି ଠିକ୍ ନଲାଗେ ତା'ହେଲେ କାଲି ସକାଳୁ ମୁଁ ଆପଣଙ୍କ ଘର ଛାଡି ଚାଲିଯିବି । ମୁଁ ଯଦି କହେ ମୁଁ ସେଇ ଲୋନ୍‌ର ଗ୍ୟାରେଣ୍ଟର ନିଜେ ରହିଯିବି ତାହେଲେ ?

ଏମିତି ଅସ୍ୱାଭାବିକ ପ୍ରଶ୍ନର ଆଶା କରିନଥିବା ବାସନ୍ତି କଣ କହିବେ କିଛି ଭାବିପାରୁନଥାନ୍ତି । ଅଜାଣତେ ତାଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା । ଟିକିଏ ପଛକୁ ବାପା ଆଉ ମାଆ ବି ଝିଅର ସମ୍ମତିକୁ ଆଶାର ସହିତ ଲୁହଭିଜା ଆଖିରେ ଅନାଇ ରହିଥାନ୍ତି ।

ରାୟଗଡ଼
ଫୋନ୍- ୭୦୦୮୨୩୨୬୦୬




# ସାହିତ୍ୟ ହିଁ କ୍ଷଣଭଙ୍ଗୁର ମଣିଷ ଜୀବନକୁ ଆହ୍ଲାଦରେ ଭରିଦିଏ

ମଣିଷ ଜୀବନ ଯଥାର୍ଥରେ ଅସୀମ-ଅନନ୍ତ ଅତ୍ୟାଶ୍ଚର୍ଯ୍ୟର ଏକ ଗଭୀର ସମୁଦ୍ର। ଚେତନାର ବିନିଯୋଗ ହିଁ ମଣିଷ ଜୀବନକୁ ଦିବ୍ୟତା ଆଡକୁ ନେଇ ଯାଏ। ନୋଇଲେ ମଣିଷର ଜନ୍ମ ନିରର୍ଥକ, ଲକ୍ଷଯୋନିର ଅମେଧ ମଶାଣି ଭୂଇଁ-ଯେଉଁଠି କିଛି ନାହିଁ କିଛି ନାହିଁ ! ଆୟାତି ଜାତି ପୁନରାୟ ଗୃହେ ପ୍ରୟାତି'ର ଏକ ଛଳ ଛଳ କରୁଣ କାନ୍ଦ !

ଜୀବନ ସାର୍ଥକ ସେଥିକି ବେଳେ ଯେବେ ଚେତନ ଧାରୀ ମଣିଷଟି ତା'ର ସଂସ୍କାର, ପରମ୍ପରା, ଦେଶମାତୃକାର ବନ୍ଦନା, ପରହିତୈଷୀ ଜୀବନାବୃତ୍ତ ନେଇ ଏ ସଂସାରରେ ଚଳ ପ୍ରଚଳ ହୁଏ। ନିଜଠୁଁ ସଂସାରକୁ ବେଶି ବେଶି ଦେଖେ। ସାହିତ୍ୟ-ସଂସ୍କୃତି ସଚେତନତାର ଦିବ୍ୟ ଝୁଣା ଧୂଆଁରେ ମୋହମୟ ହୁଏ, ତା ଜୀବନ ସାର୍ଥକ ହୁଏ।

ଆଜି ଆମର 'କଥାକଳିକା' ସେଇ ସାର୍ଥକ ଜୀବନଚର୍ଯ୍ୟାର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ, ଉଲ୍ଲାସ-ମଧୁରତାର ଗୋଟିଏ ଛୋଟ ନିଶ୍ୱାସ।

ସେଇ କଥାଭୂମିର ପିଣ୍ଡି ଉପରେ ଆମର ୧୦ ବର୍ଷର ସୁଦୀର୍ଘ ଯାତ୍ରା, ଆମକୁ ଯେତିକି ମୋହମୟ କରିଛି, ସେତିକି ବି ପାଠକ-ରସଗ୍ରାହୀ ବନ୍ଧୁ-ସହୋଦର-ଶୁଭେଚ୍ଛୁଙ୍କ ଚିତ୍ତଭୂମିରେ ଭରିଦେଇଛି ଅଶେଷ ଆନନ୍ଦ।

ସେଇ ଆନନ୍ଦର ଏକ ଚିତ୍ରିତ ସମାରୋହ ଆଜିର ଏହି 'ସମ୍ବାଦ କଳିକା' ପୃଷ୍ଠାରେ ଆମେ ପ୍ରତିବେଦନ କରୁଛୁ ଆମର ପ୍ରିୟ ପାଠକ ବର୍ଗଙ୍କ ଲାଗି...






























# ଜନଜାତିଙ୍କ ସ୍ୱାଭିମାନ ଅସ୍ମିତାର ପ୍ରତୀକ ଲକ୍ଷ୍ମଣ ନାଏକଙ୍କ ପାଇଁ ଆମେ ଗର୍ବିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ ଯେ ଆପଣାର ହକ୍ ବା ଅଧିକାର ସାବ୍ୟସ୍ତ କରିବା ପାଇଁ ଜଣେ ସରଳ ଜନଜାତି ମଣିଷ କିପରି ଦେଶପ୍ରେମର ନିଦର୍ଶନ ରଖିଯାଇପାରେ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଶହୀଦ ବୀର ଲକ୍ଷ୍ମଣ ନାଏକ। କୋରାପୁଟର ତେନ୍ତୁଳିଗୁମ୍ମା ପରି ଏକ ଅଖ୍ୟାତ ଗ୍ରାମରେ ଜନ୍ମଗ୍ରହଣ କରି ଲକ୍ଷ୍ମଣ ନାଏକ ସ୍ୱାଧୀନତା ଆନ୍ଦୋଳନରେ ସର୍ବୋଚ୍ଚ ବଳିଦାନ ଦେଇ ସମସ୍ତ ଓଡ଼ିଆଙ୍କ ପାଖରେ ଚିରନମସ୍ୟ ହୋଇ ରହିଛନ୍ତି। ଜନଜାତିଙ୍କ ସ୍ୱାଭିମାନ ଅସ୍ମିତାର ଅନନ୍ୟ ପ୍ରତୀକ ଲକ୍ଷ୍ମଣ ନାଏକଙ୍କ ପାଇଁ ଆମେ ଗର୍ବିତ ବୋଲି ସେ ପ୍ରକାଶ କରିଥିଲେ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଂଟରେ ଝୁଲିଥିଲେ ସେମାନଙ୍କ ମଧ୍ୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକ ଅନ୍ୟତମ। ମାଲକାନଗିରିର ଗାନ୍ଧୀ ଲକ୍ଷ୍ମଣ ନାଏକ ଭାରତ ସ୍ୱାଧୀନତା ଆନ୍ଦୋଳନ ସହ ଜନଜାତି ଅସ୍ମିତା ଓ ସ୍ୱାଭିମାନ ପାଇଁ ଯେଉଁ ଅବଦାନ ରଖିଯାଇଛନ୍ତି ତାହା ଉତ୍ତରପିଢ଼ିଙ୍କ ପାଇଁ



ତାତ୍ପର୍ଯ୍ୟପୂର୍ଣ୍ଣ। ଆଦିବାସୀମାନଙ୍କୁ ସଂଗଠିତ କରି ଭାରତ ଛାଡ଼ ଆନ୍ଦୋଳନକୁ ସଫଳ କରିବା ସହ ସେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାୟକ ସାଜିଥିଲେ ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୀବନୀ ଓ ଆଦର୍ଶ ନେଇ ସବିଶେଷ ସୂଚନା ଦେଇଥିଲେ। ଶହୀଦ ଲକ୍ଷ୍ମଣ ନାଏକ ଭାରତର ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଜନଜାତିଙ୍କ ଅବଦାନର ଏକ ଅମ୍ଳାନ ଉଦାହରଣ ବୋଲି ଅଭିହିତ କରି ତାଙ୍କ ଦେଶପ୍ରେମ, ତ୍ୟାଗ ଓ ଅଦମ୍ୟ ସାହସ ଭବିଷ୍ୟତ ପିଢ଼ିଙ୍କ ମାର୍ଗଦର୍ଶନ କରୁଥିବ ବୋଲି ଉଲ୍ଲେଖ କରିଥିଲେ।

ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କହିଲେ ଯେ ଲକ୍ଷ୍ମଣ ନାଏକଙ୍କ ଆନ୍ଦୋଳନ ଇଂରେଜ ସରକାର ଓ ଜୟପୁର ଜମିଦାରୀର ଶୋଷଣ ଏବଂ ଆଦିବାସୀମାନଙ୍କ ପ୍ରତି ଅନ୍ୟାୟ ବିରୋଧରେ ଉଦ୍ଦିଷ୍ଟ ଥିଲା। ନିଃସ୍ୱାର୍ଥପର ଓ ନିର୍ଭୀକ ଜନସେବା ଯୋଗୁଁ ସେ ଲୋକଙ୍କର ପ୍ରିୟପାତ୍ର ହୋଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ଇଂ ଗୋଦାବୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସକାଳେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟ ବିଭାଗୀୟ ଅଧିକାରୀ, ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର କର୍ମକର୍ତ୍ତା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ ୮.୩୦ ସମୟରେ କଳିଙ୍ଗ ହସ୍‌ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ ରେକର୍ଡ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଭାରତୀୟ ରେଳର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ୧ ଏପ୍ରିଲ, ୨୦୨୩ ରୁ ୨୫ ମାର୍ଚ୍ଚ ୨୦୨୪ ମଧ୍ୟରେ ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ କରି ୨୦୨୨-୨୩ ଆର୍ଥିକ ବର୍ଷର ସର୍ବୋଚ୍ଚ ମାଲ୍ ପରିବହନ ରେକର୍ଡକୁ ଅତିକ୍ରମ କରିଛି। କ୍ରମାଗତ ୫ ଥର ପାଇଁ ୨୦୦ ମିଲିୟନ ଟନ୍ ପଣ୍ୟ ବୋଝେଇ କ୍ଷେତ୍ରରେ ପୂର୍ବତଟ ରେଳପଥ ମାଇଲ ଖୁଣ୍ଟ ଅତିକ୍ରମ କରିବାରେ ମଧ୍ୟ ପ୍ରଥମ ଜୋନ ହୋଇପାରିଛି। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ଉତ୍ତମ ପ୍ରଦର୍ଶନ ପାଇଁ ଏହି ଲକ୍ଷ୍ୟ ହାସଲ ହୋଇପାରିଛି।

୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବତଟ ରେଳବାଇ ଅବିଭକ୍ତ ଦକ୍ଷିଣ ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ ଥିଲା। ଆଜି ଏହା ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ କରିଥିବା ପ୍ରଥମ ରେଳ ଜୋନ୍ ହୋଇପାରିଛି।

୨୦୨୩-୨୪ ଆର୍ଥିକ ବର୍ଷରେ, ପୂର୍ବତଟ ରେଳପଥ ୧୪୯.୫୦ ନିୟୁତ ଟନ୍ କୋଇଲା, ୧୨.୯ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ ପରିବହନ, ୨୦.୧୫ ନିୟୁତ ଟନ୍ ଷ୍ଟିଲ୍ ଆଣ୍ଡ ସ୍ଲାଗ୍, ୩୭.୪ ନିୟୁତ ଟନ୍ ଲୁହାପଥର, ୧.୨୧ ନିୟୁତ ଟନ୍ ସିମେଣ୍ଟ, ୩.୧୬ ନିୟୁତ ଟନ୍ ଖାଦ୍ୟ ଶସ୍ୟ ପରିବହନ କରିଥିବା ବେଳେ ୬.୪ ନିୟୁତ ଟନ୍ ସାର, ୩.୦ ନିୟୁତ ଟନ୍ ଖଣିଜ ତୈଳ ଏବଂ ଏହା ସହିତ କଣ୍ଟେନର ଏବଂ ଅନ୍ୟାନ୍ୟ ସାମଗ୍ରୀରେ ୨୩.୨୭ ନିୟୁତ ଟନ୍ ପଣ୍ୟ ପରିବହନ କରାଯାଇ ପାରିଛି। ଗତ ବର୍ଷର ସମାନ ସମୟ ଅବଧି ତୁଳନାରେ ଏହା ୬% ରୁ ଅଧିକ ପଣ୍ୟ ପରିବହନ କରିପାରିଛି।

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼, ରେଳ ମଣ୍ଡଳ ୧୫୬.୧୭ ନିୟୁତ ଟନ୍ ପଣ୍ୟ ବୋଝେଇ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ୭୪.୬୬ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ଦ୍ୱାରା ୧୯.୨୦ ନିୟୁତ ଟନ୍ ଯୋଗଦାନ କରିଛି। ସମସ୍ତ ତିନୋଟି ରେଳ ମଣ୍ଡଳ ପୂର୍ବ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ସେମାନଙ୍କର ଗତ ବର୍ଷର ପଣ୍ୟ ବୋଝେଇ ଆକଳନକୁ ଅତିକ୍ରମ କରିଛନ୍ତି।

ତାଳଚେରରେ ଏମ୍‌ସିଏଲର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ବନ୍ଦର, ଯଥା ପାରାଦୀପ, ଧାମରା, ଭାଇଜାଗ, ଗଙ୍ଗାଭରମ ଏବଂ ଗୋପାଳପୁର; ଛତିଶଗଡ଼ର ବୈଲାଡିଲାରେ ଲୁହାପଥର ଖଣି, ମେଜର ଇସ୍ପାତ ଏବଂ ଆଲୁମିନିୟମ କମ୍ପାନୀ, କେନ୍ଦୁଝର ଜିଲ୍ଲାର ଲୁହାପଥର ଖଣି ଏହି ସଫଳତା ପାଇଁ ପ୍ରମୁଖ ଯୋଗଦାନ ଦେଇଛନ୍ତି।

ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସରକାରୀ ସହଭାଗିତା ଏବଂ ଶିକ୍ଷାନୁଷ୍ଠାନ ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ ସହିତ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରାଯାଇଛି।

ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନେତୃତ୍ୱରେ ପୂର୍ବତଟ ରେଳପଥ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ମହାପ୍ରବନ୍ଧକ ଶ୍ରୀ ଶର୍ମା ପ୍ରଥମ ଦିନରୁ ଏହାର କର୍ମଚାରୀମାନଙ୍କୁ ଉତ୍ସାହିତ କରି ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସକରାତ୍ମକ ମନୋଭାବ ଏବଂ ନିରନ୍ତର କଠିନ ପରିଶ୍ରମ ସହିତ ସଠିକ ଚିନ୍ତାଧାରା ଏହି ରେଳବାଇ ଜୋନ୍ ପାଇଁ ସଫଳତା ଆଣିଦେଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

# ଯୌତୁକ ନିର୍ଯାତନା ଓ ସ୍ୱାମୀର ଦ୍ୱିତୀୟ ବିବାହ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ,୨୯/୩:-ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନୁପାଲି ଗ୍ରାମ ପଞ୍ଚାୟତ ଷାଣ୍ଢପାଲି ଗ୍ରାମରେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଓ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ଅଭିଯୋଗରେ ନ୍ୟାୟ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି ମହିଳା। ମିଳିଥିବା ସୂଚନା ଅନୁଯାୟୀ ଡିମିରିପାଲି ଗ୍ରାମର ନିଳେନ୍ଦ୍ରୀ ସାହୁ ୧୦ ବର୍ଷ ତଳେ ଷାଣ୍ଢପାଲି ଗ୍ରାମର ରାଜୁ ସାହୁଙ୍କୁ କୌଳିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ଉଭୟଙ୍କର ଏକ ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ମଧ୍ୟ ଅଛନ୍ତି। ଅଧିକ ଯୌତୁକ ଦାବିକରି ରାଜୁ ଓ ତାଙ୍କ ପରିବାର ନିଳେନ୍ଦ୍ରୀ ଉପରେ



ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ଫେବୃଆରୀ ୨ ତାରିଖ ଦିନ ନିଳେନ୍ଦ୍ରୀଙ୍କୁ ସ୍ୱାମୀ ରାଜୁ ଦୁଇ ଛୁଆଙ୍କ ସହ ଘରୁ ବାହାର କରି ଦେଇଥିଲେ। ନିଳେନ୍ଦ୍ରୀ ବାପ ଘର ଡିମିରିପାଲି ଚାଲି ଆସିବା ପରେ ରାଜୁ ବୌଦ୍ଧ ଥାନା କେଲାକଟା ଗ୍ରାମର ଆଉ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଫଳରେ ଏ ସମ୍ପର୍କରେ ନିଳେନ୍ଦ୍ରୀ ଗତ ଫେବୃୟାରୀ ୪ ତାରିଖରେ ମନମୁଣ୍ଡା ଥାନାରେ ସ୍ୱାମୀଙ୍କ ନାମରେ ଯୌତୁକ ନିର୍ଯ୍ୟାତନା ଓ ଦ୍ୱିତୀୟ ବିବାହ ନେଇ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ମନମୁଣ୍ଡା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ କରି ଆଜି ନିଳେନ୍ଦ୍ରୀ ନ୍ୟାୟ ପାଇଁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

## ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ଚୋରି

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ଚୋରି ହୋଇଛି। ଗୁରୁବାର ଦିନ ମଧ୍ୟ ରାତ୍ରରେ ହୁଣ୍ଡି ତାଡି ଟଙ୍କା ଏବଂ ଅନ୍ୟ ଦାନ ସାମଗ୍ରୀ ନେଇଗଲେ ଦୁର୍ବୃତ୍ତ। ମନ୍ଦିର ପ୍ରବେଶ ଦ୍ୱାର ମୁହଁରେ ଥିବା ହୁଣ୍ଡି ତାଡି ଟଙ୍କା ସବୁ ନେଇଯାଇଥିବା ବେଳେ ପୁରୁଣା ଟଙ୍କା ଏବଂ ଖୁଚୁରା ପଇସା ସବୁ ଫିଙ୍ଗି ଦେଇଛନ୍ତି। ଗତ ରଥଯାତ୍ରା ପରଠୁ ହୁଣ୍ଡିଖୋଲା ଯାଇନଥିଲା। ଏଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି। ଅନ୍ୟ ପକ୍ଷରେ ହୁଣ୍ଡି ନିକଟରେ ସିସିଟିଭି ଲାଗିଥିବା ବେଳେ ଏହା କାର୍ଯ୍ୟ କରୁନଥିବା ଜଣାପଡିଛି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ ମାନଙ୍କ ଅବହେଳା ଯୋଗୁଁ ହୁଣ୍ଡିରୁ ଚୋରି ହେବା ସହ ପୂର୍ବରୁ ମନ୍ଦିର ପରିସର ଭିତରୁ ଚନ୍ଦନ ଗଛ କାଟି ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ମନ୍ଦିରର ପହଣ୍ଡିଆ ସେବକ।

# 'କଂଗ୍ରେସ ସରକାର ଆସିଲେ ମହିଳା ଏସ୍‌ଏଚ୍‌ଜିଙ୍କ ବ୍ୟାଙ୍କ ଋଣ ଛାଡ଼'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜ୍ୟରେ ସରକାର ଗଠନ କଲେ ଗୃହଲକ୍ଷ୍ମୀ ଯୋଜନାରେ ମହିଳାମାନଙ୍କୁ ୫ଶହ ଟଙ୍କାରେ ରନ୍ଧନଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼ କରାଯିବ। ଏହାସହ ମହିଳାଙ୍କୁ ମାସିକ ଭତ୍ତା ୨୦୦୦ ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା ଦିଆଯିବ ବୋଲି ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି।

ସେ କହିଛନ୍ତି ଯେ କଂଗ୍ରେସ ନାରୀର ଅଧିକାର ପାଇଁ ଲଢ଼େଇ ଜାରି ରଖିଛି। କଂଗ୍ରେସ ଦଳ ନାରୀର ଅଧିକାର ପ୍ରାପ୍ତି ପାଇଁ ପ୍ରତିଶ୍ରୁତି ବଦ୍ଧ। ସେଥିପାଇଁ ଜନନାୟକ ରାହୁଲ ଗାନ୍ଧୀ 'ନାରୀ ନ୍ୟାୟ ଗ୍ୟାରେଣ୍ଟି' ଘୋଷଣା କରିଛନ୍ତି। ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ମହାଲକ୍ଷ୍ମୀ ଯୋଜନାରେ ନିଜର କର୍ମସଂସ୍ଥାନ କରିବାପାଇଁ ବର୍ଷକୁ ୧ଲକ୍ଷ ଟଙ୍କା ଦିଆଯିବ। କେନ୍ଦ୍ର ସରକାରଙ୍କର ନୂତନ ନିଯୁକ୍ତିରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯିବ। ପ୍ରତି ପଞ୍ଚାୟତରେ 'ଅଧିକାର ମୈତ୍ରୀ'ଙ୍କୁ ନିଯୁକ୍ତି ଦିଆଯିବ ଯେଉଁମାନେକି ମହିଳାମାନଙ୍କୁ ନିଜର ନ୍ୟାୟ ସମ୍ମତ ଅଧିକାର ପ୍ରାପ୍ତି ପାଇଁ ସାହାଯ୍ୟ କରିବେ। ଆଶା, ଅଙ୍ଗନୱାଡ଼ି ଏବଂ ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ମହିଳାଙ୍କର ବେତନ ଦ୍ୱିଗୁଣିତ କରିବାପାଇଁ କେନ୍ଦ୍ର ବଜେଟରେ ବ୍ୟବସ୍ଥା କରାଯିବ। ସାବିତ୍ରୀ ବାଇ ଫୁଲେ ହସ୍ଟେଲର ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ। ପ୍ରତି ଜିଲ୍ଲାରେ ଅତିକମରେ ଗୋଟିଏ ମହିଳା ହଷ୍ଟେଲ ଖୋଲାଯିବ। ଯଦି କଂଗ୍ରେସ କ୍ଷମତାକୁ ଆସେ ମହିଳା ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରାଯିବ। ଯାହାଦ୍ୱାରାକି ୩୩ ପ୍ରତିଶତ ମହିଳା ଉଭୟ ବିଧାନସଭା ଓ ସଂସଦରେ ପ୍ରତିନିଧିତ୍ୱ କରିବାରେ ସୁଯୋଗ ପାଇବେ।

ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜ୍ୟରେ ସରକାର ଗଠନ କଲେ ଗୃହଲକ୍ଷ୍ମୀ ଯୋଜନାରେ ମହିଳାମାନଙ୍କୁ ୫ଶହ ଟଙ୍କାରେ ରନ୍ଧନଗ୍ୟାସ ସିଲିଣ୍ଡର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ମାସିକ ଭତ୍ତା ୨୦୦୦ ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତ୍ତା ୩୦୦୦ ଟଙ୍କା, ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ବିଭିନ୍ନ କୌଶଳର ତାଲିମ ସହ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରୀ ପାଇଁ ପଦକ୍ଷେପ ନିଆଯିବ। ସେହିପରି ମହିଳା ଶିଳ୍ପ ଉଦ୍ୟୋଗୀଙ୍କୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧହାରରେ ଋଣ ଯୋଗାଣ ଏବଂ ବାର୍ଷିକ ୨ ଲକ୍ଷ ଟଙ୍କାରୁ କମ ଆୟଥିବା ବ୍ୟକ୍ତିଙ୍କ ଝିଅ ବିଭାଘର ପାଇଁ ୨ଲକ୍ଷ ଟଙ୍କା ସାହାଯ୍ୟ ପ୍ରଦାନ କରାଯିବ।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀ ମିଶ୍ର, ସାଧାରଣ ସଂପାଦିକା ଶ୍ରୀୟସ୍ମିତା ପଣ୍ଡା ଓ ପିସିସି ସଂପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ, ଶୁଭଦ୍ରା ମିଶ୍ର ଉପସ୍ଥିତ ଥିଲେ।

# 'ନାଟକ ଆମ ଜୀବନର ପ୍ରତିଛବି ଓ ସମାଜକୁ ଉଚିତ ଦିଗ୍‌ଦର୍ଶନ ଦିଏ'

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁରରର ଅଗ୍ରଣି ନାଟକ ଓ ନୃତ୍ୟ ଅନୁଷ୍ଠାନ ନାଟ୍ୟଚକ୍ର ପକ୍ଷରୁ ସ୍ଥାନୀୟ ସାହାରା ଟ୍ରଷ୍ଟ ଉଚ୍ଚବିଦ୍ୟାଳୟ ଠାରେ ବିଶ୍ୱନାଟ୍ୟ ଦିବସ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ଗୋରେଖନାଥ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ନାଟକ ଆମର ଜୀବନର ପ୍ରତିଛବି ଓ ନାଟକ ହିଁ ଆମ ସମାଜକୁ ଉଚିତ ଦିଗଦର୍ଶନ ଦେଇଥାଏ ବୋଲି ଅଭିହିତ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ, ଆଶୁକବି ତଥା ବିଶିଷ୍ଟ ଆଇନଜୀବୀ ଶ୍ୟାମାଓମ୍ ପ୍ରସାଦ ମିଶ୍ର ଯୋଗଦେଇ ଆଧୁନିକ ନାଟକ ଉପରେ ବିଶଦ ଆଲୋଚନା କରି ଗୋଟିଏ କଳାକାର ଜୀବନରେ ସାଧାରଣତଃ ଆଚରଣ ଓ ଉଚ୍ଚାରଣ ସମାନ ହେଲେ ତାହା ସମାଜରେ ପ୍ରତିଫଳିତ ହୋଇଥାଏ ବୋଲି ଦିକ୍ଷାନ୍ତ ବକ୍ତବ୍ୟ ପ୍ରଦାନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ପ୍ରଫେସର ମୀନା ମହାରଣା, ବରିଷ୍ଠ ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର, ବିଶିଷ୍ଟ ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ ନାଟ୍ୟଚକ୍ର ଅନୁଷ୍ଠାନର ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ ନାଟ୍ୟ ଭୀଷ୍ମ ଗଦାଧର ବାରିକ, ନାଟ୍ୟଚକ୍ର ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସାଦ ଗୁରୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାଟ୍ୟଚକ୍ର ଅନୁଷ୍ଠାନର ଅଗ୍ରଗତି ସମ୍ପର୍କିତ ଅଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ଦଣ୍ଡକଳାକାର ବିପିନ ଜାଲଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ନାଟ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେପରେ ଜିଲ୍ଲା ଶିଶୁଗୃହର କଳାକାରମାନେ ବିଭିନ୍ନ ପ୍ରକାର ସମ୍ବଲପୁରୀନୃତ୍ୟ ପରିବେଷଣ କରିଥିବା ବେଳେ ନାଟ୍ୟଚକ୍ର ଅନୁଷ୍ଠାନର କୁନିକଳାକାର ବିଦୁସ୍ମିତା ଜାଲ, ଶ୍ରିୟା ସାହୁ, ସ୍ୱୀକୃତି ମିଶ୍ର ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ଏହିଅବସରରେ ବଡକର୍ଲେ ବୀଣାପାଣି ନାଟ୍ୟ ସଂସଦ ପକ୍ଷରୁ ଏକ ହାସ୍ୟରସାତ୍ମକ ନାଟକ 'ନାଇଟ ହସପିଟାଲ' ମଞ୍ଚସ୍ଥ ହୋଇଥିବା ବେଳେ ଦର୍ଶକ ବିଳମ୍ବିତ ରାତି ଯାଏ ବେଶ୍ ମଜା ନେଇଥିଲେ। ଆୟୋଜିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ଯୁବ ନିର୍ଦ୍ଦେଶକ ମନୋଜ କୁମାର ବାରିକ ସୁଚାରୁ ରୂପେ ସଂଯୋଜନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ, ସୌମ୍ୟକାନ୍ତ ମିଶ୍ର, ପ୍ରିୟବ୍ରତ ନାଏକ, ପଞ୍ଚାନନ ନାଏକ, ରଶ୍ମିରଞ୍ଜନ ମିଶ୍ର, ମିଥୁନ ସାହୁ, ଉମେଶ କୁମ୍ଭାର, ଜିତେନ୍ଦ୍ର ମେହେର, କୌଶିକ ଜାଲ, ବଳଦେବ, ସଞ୍ଜିବ ଥନାପତି, ରମେଶ ନନ୍ଦ, ଗଣପତି ବାଘ, ସୀତାକାନ୍ତ ସିଂ, ଧରଣୀଧର ମିଶ୍ର, ରାଜ ମହାନ୍ତି, ଶ୍ରଦ୍ଧାଞ୍ଜଳି ମିଶ୍ର, ହିରଣ୍ମୟୀ ବାରିକ, ଜ୍ୟୋତିର୍ମୟୀ ବାରିକ, ଅଙ୍କିତା କହଁର ପ୍ରମୁଖ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ଗର୍ଭବତୀ ମହିଳାଙ୍କ ମୃତ୍ୟୁ : ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ଡୁମୁରିମୁଣ୍ଡା ଗ୍ରାମରେ ଜଣେ ଗର୍ଭବତୀ ମହିଳା ଆତ୍ମହତ୍ୟା କରିଥିବା ବେଳେ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ। ପୋଲିସ ସୂତ୍ରରୁ ପ୍ରକାଶ ଯେ ଗତ ୨୬ତାରିଖ ରାତିରେ ପରିବାର ଲୋକେ ସାଙ୍ଗରେ ଖାଇଲାପରେ ସ୍ତ୍ରୀ ଦୁଲେଇ ସର୍ଦ୍ଦାର (୧୯)ଶୋଇବାକୁ ଯାଇଥିଲେ। ସ୍ୱାମୀ ଗୋବିନ୍ଦ ଘରାମି ଅନ୍ୟ ଏକ ରୁମ୍‌ରେ ଟିଭିରେ କ୍ରିକେଟ ଖେଳ ଦେଖୁଥିଲେ। ଖେଳ ସରିବାପରେ ରାତି ପ୍ରାୟ ୧ ବେଳେ ଶୋଇବା ରୁମ୍‌ରେ ଯାଇ ଦେଖିଥିଲେ ଦୁଲେଇ ଘରର ଦୁଲମରେ ବେକରେ ଶାଢ଼ୀ ବାନ୍ଧି ଝୁଲୁଥିବା। ଏହା ପରେ ରାଇଘର ଥାନାରେ ଜଣାଇବା ସହ ଶଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଡାକି ଶୁକ୍ରବାର ୧୦ଟା ବେଳେ ମୃତ ଦେହ ଉଦ୍ଧାର କରିଥିଲା। ଦୁଲେଇର ପରିବାର ଲୋକେ ମାଲକାନଗିରିରୁ ଆସି ପହଞ୍ଚିବା ପରେ ମୃତ ଶରୀର ଉଦ୍ଧାର ହୋଇଥିବା ପୋଲିସ ପ୍ରକାଶ କରିଛି। ଏଥି ସହ ମହିଳାଙ୍କ ବାପା ସୁବାସ ସର୍ଦ୍ଦାର ଏହା ଆତ୍ମହତ୍ୟା ନୁହଁ ପାରିବାରିକ କଳହରୁ ହତ୍ୟା ବୋଲି ରାଇଘର ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ପ୍ରାୟ ବର୍ଷେ ତଳେ ଦୁଲେଇର ବାହାଘର ହୋଇଥିବା ବେଳେ ବର୍ତ୍ତମାନ ସେ ୪ ମାସର ଗର୍ଭବତୀ ଥିବା ଜଣାପଡିଛି। ଉକ୍ତ ଘଟଣାରେ ରାଇଘର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡିବ ଏବଂ ସ୍ୱାମୀ ଗୋବିନ୍ଦ ଅଟକ ଥିବା ଥାନା ଅଧିକାରୀ ରଘୁନାଥ ମାଝୀ ପ୍ରକାଶ କରିଛନ୍ତି।

# କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଆପ୍ ପକ୍ଷରୁ ଉପବାସ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତର ଲୋକପ୍ରିୟ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଗିରଫ କରିଥିବା ଅଭିଯୋଗ କରି ଆମ୍ ଆଦ୍‌ମି ପାର୍ଟି ତରଫରୁ ଦେଶବ୍ୟାପୀ ତୀବ୍ର ବିରୋଧ କରାଯାଉଛି। ଏନେଇ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଗିରଫ ପ୍ରତିବାଦ ସ୍ୱରୂପ ଏକ ଦିବସୀୟ ଉପବାସ ପାଳନ କରାଯାଇଛି। ପାର୍ଟିର ଶତାଧିକ କର୍ମକର୍ତ୍ତା ହାଇସ୍କୁଲ ଛକରେ ଥିବା ସମ୍ବିଧାନ ପ୍ରଣେତା ଆମେଦକରଙ୍କ



ପ୍ରତିମୂର୍ତ୍ତି ତଳେ ଉପବାସ କରି ବସି ରହିଥିଲେ। କେନ୍ଦ୍ରର ବିଜେପି ସରକାର ସମ୍ବିଧାନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଧୂଳିସାତ୍ କରି ବିରୋଧୀ ଦଳର ନେତାମାନଙ୍କୁ ମିଥ୍ୟା କେଶରେ ଇଡି, ସିବିଆଇ ଏବଂ ଆଇଟି ସଂସ୍ଥାଗୁଡିକ ଦ୍ୱାରା ଜେଲ ପଠାଇ ନିରଙ୍କୁଶ ଭାବରେ ଶାସନ କରିବାକୁ ଚାହୁଁଛି। ବିଜେପି ଶାସିତ ରାଜ୍ୟ ଏବଂ କେନ୍ଦ୍ରର ମୋଦି ସରକାର ବ୍ୟାପକ ଦୁର୍ନୀତି ଏବଂ ଅନ୍ୟାୟରେ ଲିପ୍ତ ଥିବାର ପ୍ରମାଣ ଥିଲେ ମଧ୍ୟ କେନ୍ଦ୍ରୀୟ ସଂସ୍ଥା ପାଟି ବନ୍ଦ କରି ଦେଇଛନ୍ତି। ମାତ୍ର ବିରୋଧୀ ଦଳ ଶାସିତ ରାଜ୍ୟ ଏବଂ ବିରୋଧୀ ଦଳ ନେତାମାନଙ୍କ ଉପରେ ମୋଦି ସରକାର ଆଇନର ଦୁରୁପଯୋଗ କରି ଆତଙ୍କରାଜ ଚଳାଇଛନ୍ତି। ସମ୍ବିଧାନର ସୁରକ୍ଷା ପାଇଁ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏବଂ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବାକୁ ବିରୋଧ କରି ଆମ୍ ଆଦ୍‌ମି ପାର୍ଟିର ଜିଲ୍ଲା ସଭାପତି ସନ୍ଦିପ୍ତ ଦାସଙ୍କ ସମେତ ସୂର୍ଯ୍ୟକାନ୍ତ ପରିଡା, ବାନାମ୍ବର ସାହୁ, କୁମୁଦ ରାଉତ, ମନୋଜ ମହାନ୍ତି, ସାଗରିକା ଦାସ, ଲଜମନ ନିଶା, ରିଜା ଅହେମଦଙ୍କ ସମେତ ଶତାଧିକ ସମର୍ଥକ ଏବଂ ଗଣତନ୍ତ୍ର ପ୍ରେମୀ ଏହି ଉପବାସରେ ସାମିଲ ହୋଇଥିବା ଜଣାପଡ଼ିଛି।

# ମହିଳାଙ୍କୁ ଖଣ୍ଡାରେ ପ୍ରାଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତ ଚମ୍ପଟ୍

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ନୂଆସାହିଠାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଛି। ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ୬ଟା ବେଳେ ୫ ଜଣ ମହିଳା କଚେରି ପଡ଼ିଆ ପାର୍ଶ୍ୱରେ ବୁଟୁପାଲି ଅଭିମୁଖେ ଚାଲିଚାଲି ଯାଉଥିଲେ। ହଠାତ୍ ଜଣେ ଅଜଣା ବ୍ୟକ୍ତି ଜିଲ୍ଲା ନ୍ୟାୟାଳୟ ସାମ୍ନାରେ ପଛପଟୁ ଆସି ଏକ ଖଣ୍ଡା ଧରି ଗୋଡ଼ାଇଥିଲା। ତାକୁ ଦେଖି ମହିଳାମାନେ ଦୌଡ଼ି ପଳେଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଜଣେ ମହିଳା ଆକ୍ରମଣର ଶିକାର ହୋଇଥିଲେ। ସେ ହେଲେ ବୁଟୁପାଲିର ପ୍ରିୟଙ୍କା ସେଠ୍, ତାଙ୍କ ହାତ ଓ ମୁଣ୍ଡରେ ଖଣ୍ଡା ଚୋଟ ପଡ଼ିଥିବା ବେଳେ ନିକଟରେ ଥିବା ଏକ ଦୋକାନକୁ ପଶିଯାଇ ଜୀବନ ରକ୍ଷା କରିଥିଲେ। ଦୁର୍ବୃତ୍ତ ଜଣକ ସେଠାରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକେ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନା ପଠାଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ନିର୍ବାଚନ ପରେ ମହଙ୍ଗା ହେବ ମୋବାଇଲ ରିଚାର୍ଜ ପ୍ଲାନ୍

**ନୂଆଦିଲ୍ଲୀ**

ମୋବାଇଲ ଉପଭୋକ୍ତାଙ୍କ ପାଇଁ ଖରାପ ଖବର। ଦେଶରେ ଲୋକସଭା ନିର୍ବାଚନ ପରେ ଏୟାରଟେଲ ଏବଂ ଜିଓ ବ୍ୟବହାରକାରୀଙ୍କୁ ବଡ଼ ଝଟ୍‌କା ଲାଗିପାରେ। ଅବଶ୍ୟ ଏହି ବଡ଼ ଟେଲିକମ କମ୍ପାନୀଗୁଡିକ ଶୁଳ୍କ ବୃଦ୍ଧି ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିପାରନ୍ତି। ନିକଟରେ ଭାରତୀ ଏୟାରଟେଲ ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ଏଆର୍‌ପିୟୁରେ ବୃଦ୍ଧି ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ଲୋକସଭା ନିର୍ବାଚନ ପରେ ଏୟାରଟେଲ୍ ମୋବାଇଲ ଟାରିଫ୍ ବୃଦ୍ଧି କରିବା ସମ୍ପର୍କିତ ଖବର ଏବେ ପ୍ରଚାରିତ ହେଉଛି। ଯଦି ଟାରିଫ୍‌ରେ ବୃଦ୍ଧି ହୁଏ ତେବେ ଏଥିଯୋଗୁ ଦେଶରେ କୋଟି କୋଟି ଉପଭୋକ୍ତା ପ୍ରଭାବିତ ହୋଇପାରନ୍ତି।




ବର୍ତ୍ତମାନ ଦେଶର ୩ ଘରୋଇ ଟେଲିକମ କମ୍ପାନୀର ରିଚାର୍ଜ ପ୍ଲାନ୍ ମୂଲ୍ୟରେ ସେମିତି କିଛି ଅଧିକ ପାର୍ଥକ୍ୟ ନାହିଁ। ଏୟାରଟେଲ ଏବଂ ଭିଆଇର ପ୍ରିପେଡ ଏବଂ ପୋଷ୍ଟପେଡ ପ୍ଲାନ୍‌ଗୁଡ଼ିକର ମୂଲ୍ୟ ପ୍ରାୟ ସମାନ। ଏଥିସହ, ଜିଓର ରିଚାର୍ଜ ପ୍ଲାନ୍‌ର ମୂଲ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। ଏଆର୍‌ପିୟୁ ବିଷୟରେ କହିବାକୁ ଗଲେ, ବର୍ତ୍ତମାନ ଏୟାରଟେଲର ହାରାହାରି ଆୟ ୨୦୮ ଟଙ୍କା ସର୍ବାଧିକ। ଏଥିସହିତ, ଜିଓର ମୂଲ୍ୟ ୧୮୨ ଟଙ୍କା ଏବଂ ଭୋଡାଫୋନ୍-ଆଇଡିଆର ୧୪୫ ଟଙ୍କା ରହିଛି। ଏଆର୍‌ପିୟୁକୁ ୩୦୦ ଟଙ୍କାକୁ ବୃଦ୍ଧି କରିବାକୁ ଏୟାରଟେଲ ଅନେକ ଥର ପରାମର୍ଶ ଦେଇଛି। ଏୟାରଟେଲ ଏହାର ଯୋଜନାଗୁଡିକର ହାର ବୃଦ୍ଧି କରିବାକୁ ଚିନ୍ତା କରୁଥିବାବେଳେ ରିଲାଏନ୍ସ ଜିଓ ଏଆର୍‌ପିୟୁ ବୃଦ୍ଧି ପାଇଁ ଅନ୍ୟ ପଦ୍ଧତିକୁ ବିଚାର କରିପାରେ।

ରିପୋର୍ଟ ଅନୁଯାୟୀ, ଜିଓ ଏହାର ଉପଭୋକ୍ତାମାନଙ୍କୁ ଅଧିକ ଡାଟା ବ୍ୟବହାର କରିବାକୁ ଉତ୍ସାହିତ କରିପାରିବ, ଯେଉଁଥିପାଇଁ କମ୍ପାନୀ ମହଙ୍ଗା ପ୍ୟାକେଜ ଘୋଷଣା କରିବ। ଏହିପରି ଉପଭୋକ୍ତା ପିଛା କମ୍ପାନୀର ଏଆର୍‌ପିୟୁ ବୃଦ୍ଧି ପାଇବ। ଆଇପିଏଲ ଏବଂ ଅନ୍ୟାନ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦୃଷ୍ଟିରେ ରଖି ଜିଓ ଏହାର ଉପଭୋକ୍ତାଙ୍କୁ ଅଧିକ ଡାଟା ସହିତ ପ୍ଲାନ୍ ପ୍ରଦାନ କରୁଛି, ଯାହା ଦ୍ୱାରା ଉପଭୋକ୍ତାମାନେ ଅଧିକ ଡାଟା ବ୍ୟବହାର କରିବାର ଅଭ୍ୟାସ ଜାରି ରଖିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଆଇ କଣ୍ଟେଣ୍ଟରେ...

ଭାଷାରେ ଅନୁବାଦ କରିବାରେ ସାହାଯ୍ୟ କରିଛି। କିନ୍ତୁ ଏହି ଟେକ୍ନୋଲୋଜିର ବହୁ ବିପଦପୂର୍ଣ୍ଣ ଦିଗ ରହିଛି, ଯାହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ବିଲଗେଟ୍‌ସଙ୍କୁ କହିଛନ୍ତି ଯେ, ଡିପଫେକ ଭଳି ଟେକ୍ନୋଲୋଜିର ଅପବ୍ୟବହାରକୁ ରୋକିବାକୁ ପଡ଼ିବ, ଯଦି ଲୋକମାନେ ସଠିକ ତାଲିମ ନ ପାଆନ୍ତି, ତେବେ ସେମାନେ ପ୍ରଯୁକ୍ତିବିଦ୍ୟାର ଦୂରୁପୋଯୋଗ କରିବେ। ଡିପଫେକ ଭଳି ସମସ୍ୟାକୁ ରୋକିବା ପାଇଁ ଏଆଇ ଚାଳିତ କଣ୍ଟେଣ୍ଟରେ ୱାଟରମାର୍କର ବ୍ୟବହାର ଭଲ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଏଣିକି ପିଏଚଡ଼ି ...

ଏକକାଳୀନ ଜୁନିଅର ରିସର୍ଚ୍ଚ ଫେଲୋସିପ (ଜେଆର୍‌ଏଫ୍), ସହାୟକ ଅଧ୍ୟାପକ ଓ ପିଏଚଡ଼ି ନାମଲେଖା ପାଇଁ ଯୋଗ୍ୟ ହୋଇପାରିବେ।

## ଯେତେବେଳେ ସରକାର ...

ଏବଂ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ ଯେ ଆଉ କେହି ଏସବୁ କରିବାକୁ ସାହସ କରିବେ ନାହିଁ।

ରାହୁଲ ଗାନ୍ଧି ମଧ୍ୟ ନିଜର ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ କହିଛନ୍ତି, ଯଦି ସେମାନେ ଗଣତାନ୍ତ୍ରିକ ଅନୁଷ୍ଠାନକୁ ନେଇ କାମ କରିଥାନ୍ତେ, ଯଦି ସିବିଆଇ ତାର କାମ କରିଥାନ୍ତା, ଇଡି ତାର କାମ କରିଥାନ୍ତା, ତେବେ ଏପରି ହୋଇନଥାନ୍ତା। ତେଣୁ ସେମାନେ ମଧ୍ୟ ଭାବିବା ଦରକାର ଯେ ସେମାନେ ସବୁ କରୁଛନ୍ତି ଯେ ଦିନେ ବିଜେପି ସରକାର ବଦଳିଯିବ ଏବଂ ତାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଏପରି କାର୍ଯ୍ୟାନୁଷ୍ଠାନ ନିଆଯିବ ଯେ ମୁଁ ଗ୍ୟାରେଣ୍ଟି ଦେଉଛି ଯେ ଏହା ଆଉ କେବେ ହେବ ନାହିଁ। ତେଣୁ ସେମାନେ ମଧ୍ୟ ଚିନ୍ତା କରିବା ଦରକାର।

ଆୟକର ନୋଟିସ ପ୍ରସଙ୍ଗରେ କଂଗ୍ରେସ ବିଜେପିକୁ ଟାର୍ଗେଟ କରିଛି। ଦଳ କହିଛି ଯେ, ଠିକ ଲୋକସଭା ନିର୍ବାଚନ ପୂର୍ବରୁ ଆୟକର ବିଭାଗ କଂଗ୍ରେସକୁ ୫ଟି ଭିନ୍ନ ଭିନ୍ନ ଆର୍ଥିକ ବର୍ଷର ଟିକସ ରିଟର୍ଣ୍ଣରେ ଅନିୟମିତତା ଅଭିଯୋଗରେ ୧,୮୨୩.୦୮ କୋଟି ଟଙ୍କା ପ୍ରଦାନ ପାଇଁ ନୂଆ ନୋଟିସ ଜାରି କରିଛି। କିନ୍ତୁ ଏହା ବିଜେପି ପ୍ରତି ଆଖି ବୁଜିଦେଇଛି, ଯାହାର ୪,୬୦୦ କୋଟି ଟଙ୍କାର ଜରିମାନା ବାକି ରହିଛି।

## ବିଜେପି ନେତାଙ୍କ...

ବିଜୟ ଆଶାକୁ ଟଳମଳ କରିଦେବାର ସମ୍ଭାବନା ରହିଛି। ତେବେ ବିଜେପି ଦଳର ରାଜ୍ୟସଭାପତି ଓ ନେତାମାନେ ଆଗରୁ ଯେମିତି ନିର୍ବାଚନରେ ଜିତିବାକୁ ଖୋଲାଖୋଲି ବାହାସ୍ଫୋଟ ମାରୁଥିଲେ ଏବଂ ବିଜେଡ଼ିକୁ ନ୍ୟୂନ କରିବା ପାଇଁ ପ୍ରଚାର ଓ ଉଦ୍ୟମ କରୁଥିଲେ ଏବେ ସେଭଳି ଅବସ୍ଥା ନାହିଁ କି ଆଉ ସେମାନେ ବିଜେଡ଼ିକୁ କିଛି କହିବା ଅବସ୍ଥାରେ ନାହାନ୍ତି। ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରାର୍ଥୀ ଦେଇଛନ୍ତି ସେଥିରେ ବିଜେପିର ଏବଂ ସେହି ଦଳର ବହୁ ତୁଙ୍ଗ ନେତାଙ୍କର ନିଦ ହଜିଯାଇଛି ଏଥିରେ ସନ୍ଦେହ ନାହିଁ। କାରଣ ସବୁଆଡେ ବିଜେଡ଼ି ସପକ୍ଷରେ ଜନମତ ରହିଛି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାରେ ସମର୍ଥନ ବଢିଛି। ତେବେ ଆଗାମୀ ନିର୍ବାଚନ ସବୁଠୁ ଚ୍ୟାଲେଞ୍ଜିଂ, କଠିନ ଓ ଭୟଙ୍କର ହେବାର ସମ୍ଭାବନା ମଧ୍ୟ ରହିଛି ବୋଲି ସମୀକ୍ଷକ ଶ୍ରୀ ପଟ୍ଟନାୟକ ମତ ରଖିଛନ୍ତି।

ଭୁବନେଶ୍ୱର
୩୦ ମାର୍ଚ୍ଚ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମା' ସମଲେଇଙ୍କ ଆଶୀର୍ବାଦ ଲୋଡ଼ିଲେ ପ୍ରଣବ ପ୍ରକାଶ ଦାସ



**ସମ୍ବଲପୁର, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଲୋକସଭା କ୍ଷେତ୍ରରୁ ବିଜେଡି ଦଳର ରାଜ୍ୟ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ(ବବି) ସମ୍ବଲପୁରରେ ପହଞ୍ଚିଛନ୍ତି। ସମର୍ଥକଙ୍କ ସହ ଯାଇ ସେଠାରେ ମା' ସମଲେଇଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ସମ୍ବଲପୁରବାସୀଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଭାବବିହ୍ୱଳ ହୋଇଛନ୍ତି।

ପ୍ରଣବ କହିଛନ୍ତି, ସମ୍ବଲପୁର ମାଟି ସହ ତାଙ୍କ ପରିବାରର ୬୦ ବର୍ଷର ସମ୍ପର୍କ। ଏ ମାଟି ସହ ତାଙ୍କ ବାପାଙ୍କର ସୁସମ୍ପର୍କ ରହିଥିଲା। ଏଠି ପହଞ୍ଚିଲା ପରେ ଏଠିକାର ଲୋକଙ୍କ ସମର୍ଥନ ଓ ସ୍ନେହ ଦେଖିବା ପରେ ମୁଁ ଆନନ୍ଦିତ। ସମ୍ବଲପୁର ଯାଇ ନିଜ ଘରେ ଛିଡ଼ା ହେବା ପରି ଲାଗୁଛି। ତେବେ ସମ୍ବଲପୁରକୁ ଉନ୍ନତିର ଶିଖରକୁ ନେବା ସହ ଏହାର ରୂପାନ୍ତରୀକରଣ ପାଇଁ ତାଙ୍କୁ ଏଠାରେ ପ୍ରାର୍ଥୀ ବିବେଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ଏବଂ ସମ୍ବଲପୁରବାସୀଙ୍କ ଉପରେ ସେ ଭରସା କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସମ୍ମାନ ଜଣାଇବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ। ଚଳିତ ନିର୍ବାଚନରେ ସମ୍ବଲପୁରରେ ହେବ ଜୋରଦାର ଲଢେଇ। କାରଣ ଏଠାରେ ବିଜେପିର ସାଂସଦ ଟିକେଟ ପାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥର ବିଜେଡି ମଧ୍ୟ ଏହି ସମ୍ବଲପୁରରୁ ପ୍ରଣବଙ୍କୁ ସାଂସଦ ଟିକେଟ ଦେଇଥିବାରୁ ଏହି ଆସନ ଉପରେ ରାଜ୍ୟବାସୀଙ୍କ ନଜର ରହିଛି।

## କଂଗ୍ରେସ ଛାଡ଼ିଲେ ଉମା ଶଙ୍କର ସାହୁ

**ଦେବଗଡ଼, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ଦେବଗଡ଼ କଂଗ୍ରେସକୁ ବଡ଼ ଝଟ୍‌କା। ଦଳ ଛାଡିଲେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ୨୦୧୯ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଉମା ଶଙ୍କର ସାହୁ। ଦେବଗଡ଼ ପୌରାଞ୍ଚଳ ଓ ସମସ୍ତ ୩ ବ୍ଲକ୍‌ର ୮୦ ଜଣ ପୂର୍ବତନ ଦଳୀୟ ପଦାଧିକାରୀଙ୍କ ସମେତ ୧୫୦ରୁ ଅଧିକ କଂଗ୍ରେସ କର୍ମୀ ଦଳରୁ ଦେଇଛନ୍ତି ସାମୂହିକ ଇସ୍ତଫା। ସମସ୍ତେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।





ଭୁବନେଶ୍ୱର : ସତ୍ୟନଗର କ୍ୟାଥଲିକ୍ ଚର୍ଚ୍ଚରେ ଗୁଡ୍ ଫ୍ରାଇଡ଼େ ପାଳନ ଅବସରରେ କ୍ରୁଶବିଦ୍ଧ ପ୍ରଭୁ ଯୀଶୁଙ୍କ ପ୍ରତିମୂର୍ତ୍ତି ନିକଟରେ ଭକ୍ତମାନେ ଆଶୀର୍ବାଦ ନେଉଛନ୍ତି। (ଫଟୋ : ସମ୍ବାଦ କଳିକା)

# ବିଜେଡିରେ ଯୋଗଦେଲେ ସୁରେନ୍ଦ୍ର ସିଂ ଭୋଇ

**ଭୁବନେଶ୍ୱର, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ଶଙ୍ଖ ଭବନରେ ଚାଲିଛି ବିଜେଡିର ମିଶ୍ରଣ ପର୍ବ। ବିଜେଡିରେ ଯୋଗଦେଲେ ସୁରେନ୍ଦ୍ର ସିଂ ଭୋଇ। ବଲାଙ୍ଗିର ଜିଲ୍ଲା କଂଗ୍ରେସ ସଭାପତି ଥିଲେ ସୁରେନ୍ଦ୍ର। ସାଂସଦ ସସ୍ମିତ ପାତ୍ର, ବିଧାୟକ ଟୁକୁନି ସାହୁ ଏବଂ ଅଧିରାଜ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହେବା ସହ ସେ କହିଲେ ଯେ, ମୁଖ୍ୟମନ୍ତ୍ରୀ ମୋତେ ଦଳରେ ସାମିଲ କରିଥିବାରୁ ମୁଁ ଅନ୍ତରରୁ ଧନ୍ୟବାଦ ଜଣାଉଛି ଏବଂ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି। ଆଜି ସାରା ରାଜ୍ୟରେ ବିକାଶର ସ୍ପର୍ଶ ଲାଗିଛି। ଉପାନ୍ତରୁ ଉପକୂଳ ସବୁଠି ରୂପାନ୍ତରଣ ଦେଖିବାକୁ ମିଳୁଛି। ଏହି ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ବିଧିବଦ୍ଧ ଭାବରେ କଂଗ୍ରେସ ଦଳକୁ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛି। ସାରା ରାଜ୍ୟରେ ଯେଉଁ ନୂଆ ଓଡ଼ିଶା ନବୀନ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନେଇଛନ୍ତି ସେହି କାର୍ଯ୍ୟରେ ମୁଁ ନିଜକୁ ସାମିଲ କରିବା ସହ ମୋର ହଜାର ହଜାର ସମର୍ଥକ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।




# ଶ୍ରୀକ୍ଷେତ୍ରରେ କଂଗ୍ରେସର ମାନସ ମନ୍ଥନ

**ପୁରୀ, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ଗତ ଦୁଇ ଦିନଧରି ପୁରୀରେ କଂଗ୍ରେସ ଦଳ ତା'ର ମାନସ ମନ୍ଥନ ଜାରି ରଖିଥିବା ଜଣାପଡିଛି। ଖୁବ୍ ଶୀଘ୍ର କଂଗ୍ରେସ ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ମତ ରଖିଛନ୍ତି। ଏଆଇସିସିର ମାର୍ଗଦର୍ଶିକା ଅନୁସାରେ ସ୍ୱତନ୍ତ୍ର ପ୍ରଗମନ ଆପ୍ ଦ୍ୱାରା କର୍ମୀମାନେ ଯୋଡ଼ି ହେବା ସହ ସେମାନଙ୍କର ନିର୍ବାଚନ ଲଢ଼ିବା ନେଇ ଦକ୍ଷତା ଓ ଲୋକ ସମ୍ପର୍କ ଆଦିକୁ ଦେଖି ପ୍ରାର୍ଥୀ ଚୟନ କରାଯିବ। ତେବେ କେନ୍ଦ୍ରୀୟ କଂଗ୍ରେସ କମିଟିର ନିଷ୍ପତ୍ତି ଓ ଗାଇଡ଼ ଲାଇନ ଆଧାରରେ ପ୍ରାର୍ଥୀ ଚୟନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ପିସିସି ସଭାପତି। ବିଗତ ଦିନରେ ଟିକେଟ ଆବଣ୍ଟନକୁ ନେଇ ଅନେକ ଅସୁବିଧା ଥିବା ସହ ଟିକେଟ ଫେରସ୍ତ, ଟିକେଟ ବିକ୍ରି ଓ ସୁପାରିସ ଭିତ୍ତିରେ ଟିକେଟ ମିଳୁଥିଲା। ମାତ୍ର ବର୍ତ୍ତମାନ ପ୍ରଗମନ ଆପ୍ ଦ୍ୱାରା ସବୁ କିଛି ଗାଇଡ଼ ଲାଇନ ଅନୁସାରେ କରାଯାଉଥିବା ମତ ରଖିଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ। ଦଳ ଦେଇଥିବା ଗ୍ୟାରେଣ୍ଟିକୁ ଆଧାର କରି ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିବାବେଳେ କଂଗ୍ରେସ ନିର୍ବାଚନରେ ବିଜୟୀ ହେବା ନେଇ ସ୍ୱତନ୍ତ୍ର ନେଟୱର୍କ କରିଥିବା କହିଛନ୍ତି ଶ୍ରୀ ପଟ୍ଟନାୟକ।



## ସିରିଆରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ : ୩୮ ମୃତ

**ବେରୁଟ୍, ୨୯।୩**

ଇସ୍ରାଏଲ ସେନା ସିରିଆରେ ଭୟଙ୍କର ଏୟାର ଷ୍ଟ୍ରାଇକ କରିଛି। ଶୁକ୍ରବାର ସକାଳେ ଉତ୍ତର ସିରିଆର ଆଲେପ୍ପୋ ସହର ନିକଟରେ ହୋଇଥିବା ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍‌ରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆହୁରି ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ହିଜବୁଲ୍ଲା ଆତଙ୍କବାଦୀ ଅଛନ୍ତି। ଏଥିସହିତ ଅନେକ କ୍ଷୟକ୍ଷତି ହୋଇଛି। ଆଲେପ୍ପୋ ଓ ଏହାର ଉପାନ୍ତ ଅଞ୍ଚଳରେ ଥିବା ବେସାମରିକ ଟାର୍ଗେଟ ଉପରେ ଇସ୍ରାଏଲର ଆକ୍ରମଣ ଏବଂ ସିରିଆ ବିଦ୍ରୋହୀ ଗୋଷ୍ଠୀଙ୍କ ଡ୍ରୋନ ଆକ୍ରମଣ ହୋଇଛି ବୋଲି ସିରିଆର ସରକାରୀ ଗଣମାଧ୍ୟମ ଜଣେ ଅଜ୍ଞାତ ସାମରିକ ଅଧିକାରୀଙ୍କ ବୟାନକୁ ଭିତ୍ତି କରି କହିଛି। ସିରିଆନ ଅବଜର୍ଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି ଯେ ଆଲେପ୍ପୋର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଆଲେପ୍ପୋର ଦକ୍ଷିଣ ଉପନଗର ଜିବରିନରେ ଥିବା ଲେବନାନ ଆତଙ୍କବାଦୀ ହିଜବୁଲ୍ଲା ଗୋଷ୍ଠୀର ଏକ କ୍ଷେପଣାସ୍ତ୍ର ଡିପୋକୁ ଟାର୍ଗେଟ କରି ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଏକ ଡଜନରୁ ଅଧିକ ସୈନିକ ପ୍ରାଣ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି। ଆକ୍ରମଣର ଦୁଇ ଘଣ୍ଟା ପରେ ବି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି ବୋଲି ଅବଜର୍ଭେଟୋରି କହିଛି। ତେବେ ଏହି ଆକ୍ରମଣ ସମ୍ପର୍କରେ ଇସ୍ରାଏଲ ଅଧିକାରୀଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ।

# ପୁଲିସ ଇନଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା କଲେ ନକ୍ସଲ



**ମାଲକାନଗିରି, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ସୀମାରେ ନକ୍ସଲ ପୁଣି ହିଂସା ଘଟାଇଛନ୍ତି। ଜଣେ ଯୁବକକୁ ପୁଲିସ ଇନଫର୍ମର ସନ୍ଦେହରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଅଶୋକ ତାଲାଣ୍ଡି।

ସୂଚନା ଅନୁସାରେ ଭାମରାଗଡ଼ ଥାନା ଅଞ୍ଚଳର ଦାମରା ଗ୍ରାମର ନିବାସୀ ଅଶୋକ ତାଲାଣ୍ଡି ନାମକ ଯୁବକକୁ ଗୁରୁବାର ରାତିରେ ପୁଲିସ ଇନଫର୍ମର ସନ୍ଦେହରେ ତାକୁ ଘରୁ ଉଠାଇ ନେଇଥିଲେ ନକ୍ସଲମାନେ। ପରେ ହତ୍ୟା କରି ତାକୁ ତାଡଗାଓଁ-ଭାମରାଗଡ଼ ରାସ୍ତାରେ ଫିଙ୍ଗି ଦେଇଥିଲେ। ଶବ ନିକଟରେ ନକ୍ସଲ ପୋଷ୍ଟର ଛାଡ଼ି ଯାଇଥିଲେ। ପୋଷ୍ଟରରେ ଅଶୋକ ପୁଲିସ ଇନଫର୍ମର ଭାବେ କାମ କରୁଥିଲା ବୋଲି ଉଲ୍ଲେଖ କରିଛନ୍ତି। ବାରମ୍ବାର ଚେତାବନୀ ପରେ ମଧ୍ୟ ସେ ସୁଧୁରିନଥିଲା। ତେଣୁ ତାକୁ ମୃତ୍ୟୁଦଣ୍ଡ ଦିଆଯାଇଛି। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ସୁରକ୍ଷାକର୍ମୀ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରଖିଥିବା ଜଣାପଡିଛି।

# ଢେଙ୍କାନାଳ ଓ ଅନୁଗୁଳର ଶତାଧିକ ନେତା ଓ କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ଶଙ୍ଖ ଭବନରେ ବିଜେଡିରେ ଯୋଗଦେଲେ ଢେଙ୍କାନାଳ ଓ ଅନୁଗୁଳର ଶତାଧିକ ଆଗଧାଡ଼ିର ନେତାଙ୍କ ସହ ହଜାର ହଜାର ବିଜେପି କର୍ମୀ। ସାଂସଦ ସସ୍ମିତ ପାତ୍ର, ବିଧାୟକ ସୁଧିର ସାମଲଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଏମାନେ ସାମିଲ ହୋଇଛନ୍ତି। ସୂଚନା ଅନୁସାରେ ଢେଙ୍କାନାଳ ଲୋକସଭା ସଂସଦୀୟ କ୍ଷେତ୍ରରୁ ଅନେକ ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଢେଙ୍କାନାଳ ବିଜେଡି ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଓ ବିଧାୟକ ସୁଧୀର ସାମଲଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ବିଜେପି କର୍ମୀ ଓ ନେତା ଦଳରେ ସାମିଲ ହୋଇଛନ୍ତି। ଜିଲ୍ଲା ସ୍ତରରେ ବିଜେପିର ଅନେକ ପଦାଧିକାରୀ, ମଣ୍ଡଳ ସଭାପତି, ଅନେକ ସରପଞ୍ଚ ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ବିଜେଡିକୁ ସ୍ୱାଗତ କରିଛନ୍ତି ମୁଖପାତ୍ର ସସ୍ମିତ ପାତ୍ର। ଏହି ଅବସରରେ ଉପସ୍ଥିତ ଥିଲେ ରାଜ୍ୟସଭା ସାଂସଦ ସୁଲତା ଦେଓ।



## ସ୍ୱାସ୍ଥ୍ୟ ବର୍ଦ୍ଧକ ଟନିକ୍ ଖାଇ ୫ ମୃତ, ଶତାଧିକ ଆକ୍ରାନ୍ତ

**ଟୋକିଓ, ୨୯।୩**

ନିଜ ସ୍ୱାସ୍ଥ୍ୟକୁ ଉନ୍ନତ କରିବାକୁ ଯାଇ ଜାପାନରେ କେତେକ ଲୋକ ପ୍ରାଣ ହରାଇଛନ୍ତି। ଜାପାନରେ ସ୍ୱାସ୍ଥ୍ୟ ବର୍ଦ୍ଧକ ଟନିକ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୦୦ରୁ ଅଧିକ ଲୋକ ଅସୁସ୍ଥ ହୋଇଛନ୍ତି। ତେବେ ଏହି ଘଟଣା ପରେ ଉକ୍ତ ଟନିକକୁ ବଜାରରୁ ପ୍ରତ୍ୟାହାର କରିବା ଆରମ୍ଭ ହୋଇଛି। ଓସାକାସ୍ଥିତ କୋବାୟାସି ଫାର୍ମାସ୍ୟୁଟିକାଲ କମ୍ପାନୀ ଜାନୁଆରୀ ପ୍ରାରମ୍ଭରେ ଏହି



ଉତ୍ପାଦଗୁଡ଼ିକର ସମସ୍ୟା ବିଷୟରେ ଜାଣିବାକୁ ପାଇଥିଲା ବୋଲି ଅଭିଯୋଗ ହୋଇଛି। କିନ୍ତୁ ମାର୍ଚ୍ଚ ୨୨ ତାରିଖରେ ଏ ସଂକ୍ରାନ୍ତରେ ପ୍ରଥମେ ସାର୍ବଜନୀନ ଘୋଷଣା କରାଯାଇଥିଲା। ଫଳରେ ଶୁକ୍ରବାର ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦ରୁ ଅଧିକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

କୋଲେଷ୍ଟ୍ରଲ କମାଇବା ପାଇଁ ବ୍ୟବହୃତ ବେନେକୋଜି କୋଲେଷ୍ଟ୍ରୋଲ ହେଲ୍ପ ସମେତ ଅନେକ ଉତ୍ପାଦ ନେବା ପରେ ୧୧୪ ଜଣ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି କମ୍ପାନୀ ଅଧିକାରୀମାନେ କହିଛନ୍ତି। ବେନେକୋଜି କୋଲେଷ୍ଟେ ହେଲ୍ପ ନାମକ ଏହି ଟନିକରେ ବେନିକୋଜି ନାମକ ଏକ ପଦାର୍ଥ ମିଳିଛି, ଯାହା କି ଫଙ୍ଗସ୍‌ର ଏକ ଲାଲ ପ୍ରଜାତି ଅଟେ। ଚଳିତ ସପ୍ତାହ ପ୍ରାରମ୍ଭରେ ମୃତ୍ୟୁ ସଂଖ୍ୟା ୨ ଥିଲା। ନିର୍ମାତାଙ୍କ କହିବା ଅନୁଯାୟୀ, ଏହି ସାମଗ୍ରୀ ଖାଇବା ପରେ କିଛି ଲୋକଙ୍କର କିଡ୍‌ନୀ ସମସ୍ୟା ଦେଖାଦେଇଥିଲା। କିନ୍ତୁ ଲୋକଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ସରକାରୀ ପରୀକ୍ଷାଗାର ସହଯୋଗରେ ଯାଞ୍ଚ କରାଯାଉଛି।

# ବ୍ରିଟ୍ କଲୋନୀରେ ଆତଙ୍କ ସୃଷ୍ଟିକାରୀ ୭ ଦୁର୍ବୃତ୍ତ ଗିରଫ



**ଭୁବନେଶ୍ୱର, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ନୟାପଲ୍ଲୀ ବ୍ରିଟ୍ କଲୋନୀରେ ହୋଲି ଦିନ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗଣ୍ଡଗୋଳରେ ବ୍ୟବହୃତ ଖଣ୍ଡା, ଭୁଜାଲି, ଠେଙ୍ଗା, ବାଇକ୍ ଜବତ କରିଛି ପୋଲିସ। ହୋଲି ସନ୍ଧ୍ୟାରେ ନୟାପଲ୍ଲୀ ବ୍ରିଟ୍ କଲୋନୀରେ ଏମାନେ ଆତଙ୍କରାଜ ଘଟାଇଥିଲେ। ମୋଟ୍ ଉପରେ ଏ ନେଇ ୪ଟି କେସ୍ ରୁଜୁ କରାଯାଇଥିଲା। ହୋଲି ଖେଳ ପରେ ବାଲୁଙ୍କେଶ୍ୱର ମନ୍ଦିର ନିକଟ ପୋଖରୀରେ ଗାଧୋଇବାକୁ ନେଇ ସୃଷ୍ଟି ହୋଇଥିଲା ଝଗଡ଼ା। ପରବର୍ତ୍ତୀ ସମୟରେ ଏହା ଉଗ୍ର ରୂପ ନେଇଥିଲା। ନୂଆପଲ୍ଲୀ ଥାନା ଅନ୍ତର୍ଗତ ସିଆରପି ମୁଣ୍ଡାସାହିର ଏହି ଅଭିଯୁକ୍ତ ଯୁବକମାନେ ସନ୍ଧ୍ୟା ସମୟରେ ଆସି ବ୍ରିଟ୍ କଲୋନୀରେ ଅତର୍କିତ ଆକ୍ରମଣ କରିଥିଲେ। କିଛି ନିରୀହ ଲୋକେ ମଧ୍ୟ ଏହି ଆକ୍ରମଣର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ଘଟଣାସ୍ଥଳରୁ ସିସିଟିଭି ଜବତ କରାଯାଇଥିଲା, ଯାହା ଆଧାରରେ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଅଭିଯୁକ୍ତଙ୍କ ନିକଟରୁ ଏକ କାର୍, ଦୁଇଟି ସ୍କୁଟି, ଗୋଟିଏ ଖଣ୍ଡା, ୫ଟି ମୋବାଇଲ ପ୍ରଭୃତି ଜବତ କରିଛି ପୋଲିସ। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ମଧ୍ୟ ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।





ଭୁବନେଶ୍ୱର : ପାଇକ ବିଦ୍ରୋହ ଦିବସ ପାଳନ ଅବସରରେ କଳ୍ପନା ଛକ ସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ସମର କୌଶଳ ପ୍ରଦର୍ଶନ କରାଯାଉଛି।(ଫଟୋ : ସମ୍ବାଦ କଳିକା)

# ଦୁଶ୍ଚିନ୍ତା ଓ ମାନସିକ ଚାପ ନେଉଛି ଭାରତୀୟଙ୍କ ଜୀବନ : ପ୍ରତି ୩ ଜଣରେ ଜଣେ ଆକ୍ରାନ୍ତ

**ଭୁବନେଶ୍ୱର, ୨୯।୩:ନ୍ୟୁଜ୍‌ବ୍ୟୁରୋ**

ଜୀବନ ନେଉଛି ହାଇପର ଟେନସନ। ଦେଶରେ ଅଧାରୁ ଅଧିକ ବ୍ୟକ୍ତି ରକ୍ତଚାପରେ ପୀଡ଼ିତ ହେଉଛନ୍ତି। ଏପରି ରିପୋର୍ଟ ଦେଇଛନ୍ତି ଆଇସିଏମ୍‌ଆର ଓ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ। ହୃଦ୍‌ରୋଗ, ମଧୁମେହ ରୋଗରେ ଅକାଳରେ ଝରିପଡୁଛି ଜୀବନ। ରିପୋର୍ଟ ଅନୁଯାୟୀ ପ୍ରତି ୩ ଜଣରେ ଜଣେ ବ୍ୟକ୍ତି ପ୍ରାକ୍ ହାଇପରଟେନ୍ସନ ରୋଗରେ ପୀଡ଼ିତ ହେଉଛନ୍ତି। ବିଶେଷଜ୍ଞଙ୍କ ମତରେ ମାନସିକ ଚାପ, ଖାଦ୍ୟରେ ଅତ୍ୟଧିକ ଲୁଣ ସେବନ, ଜଙ୍କ ଫୁଡ୍, ଶାରୀରିକ ପରିଶ୍ରମ ନକରିବା ଯୋଗୁଁ ଯୁବକଯୁବତୀ ବି ରକ୍ତଚାପ ରୋଗରେ ପଡୁଛନ୍ତି।

ଭାରତୀୟ ଖାଦ୍ୟରେ ଅଧିକ ଲୁଣ ଖାଇବାରୁ ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇ ହୃଦ୍‌ରୋଗର ଶିକାର ହେଉଛନ୍ତି। ପ୍ରତି ୩ ଜଣ ବ୍ୟକ୍ତିରେ ଜଣେ ପ୍ରାକ୍ ହାଇପରଟେନ୍‌ସନ ରୋଗରେ ପୀଡ଼ିତ ହେଉଛନ୍ତି। ଏଭଳି ରିପୋର୍ଟ ଦେଇଛି ଇଣ୍ଡିଆନ କାଉନସିଲ ଫର ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର)। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ଦେଶର ମହିଳାଙ୍କ ସଂଖ୍ୟାରୁ ୨୧.୩ ପ୍ରତିଶତ ଓ ପୁରୁଷଙ୍କ ଭିତରୁ ୨୪ ପ୍ରତିଶତ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ଫଳରେ ଅନିୟନ୍ତ୍ରିତ ଓ ଡାୟୋଗ୍ନଷ୍ଟିକ ନହୋଇ ହୃଦ୍‌ରୋଗ ଓ ମଧୁମେହ ରୋଗରେ ଅଧିକାଂଶ ଲୋକଙ୍କ ଜୀବନ ଯାଉଛି। ଏପରିକି ଅକାଳରେ ଯୁବକଯୁବତୀ ବି ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଲୁଣ ମାତ୍ରା ଶରୀରରେ ଅଧିକ ହେଲେ ହୃତ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳର ୧୮ରୁ ୫୪ ବର୍ଷ ବୟସ ଭିତରେ ୭ ଲକ୍ଷ ୪୩ ହଜାର ୬୭ ଜଣ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନେ ସମସ୍ତେ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ମାନସିକ ଚାପ, ଜଙ୍କ ଫୁଡ୍ ଏଥିପାଇଁ ଦାୟୀ। ଏହାସହ ଆଜିକାଲି ଅଧିକାଂଶ ଲୋକ ଶାରୀରିକ ପରିଶ୍ରମ କରୁନାହାନ୍ତି, ଯାହା ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଯେଉଁ ବ୍ୟକ୍ତିର ରକ୍ତଚାପ ସିଷ୍ଟୋଲିକ ପ୍ରେସର ୧୩୦ରୁ ୧୩୯ ଓ ଡାୟୋଷ୍ଟୋଲିକ ପ୍ରେସର ୮୦ରୁ ୮୯ ଭିତରେ ରହୁଛି ସେ ପ୍ରାକ ହାଇପରଟେନ୍ସନରେ ପୀଡ଼ିତ। ଏହାସହିତ ବରା, ପିଆଜି, ଫାଷ୍ଟଫୁଡ, ସୋଡିୟମ କ୍ଲୋରାଇଡ ଯୁକ୍ତ ପ୍ରକ୍ରିୟାକୃତ ଖାଦ୍ୟ ଏସବୁ ରୋଗର କାରଣ ବନୁଛି। ସୁସ୍ଥ ଜୀବନ ପାଇଁ ଜଣେ ବ୍ୟକ୍ତି ଦିନ ଭିତରେ ମାତ୍ର ୫ ମିଲିଗ୍ରାମ ବା ଗୋଟିଏ ଚାମୁଚ ପରିମାଣର ଲୁଣ ଖାଇବା ଦରକାର। କିନ୍ତୁ ଆଜିକାଲି ଦିନ ଭିତରେ ୧୫ ମିଲିଗ୍ରାମ୍ ଲୁଣ ଲୋକେ ଖାଉଛନ୍ତି, ଯେଉଁଥିପାଇଁ ସାମାନ୍ୟ ମାନସିକ ଚାପଗ୍ରସ୍ତ ହେଲେ ରକ୍ତଚାପରେ ପୀଡ଼ିତ ହେଉଛନ୍ତି। ଏପରି ଲାଇଫଷ୍ଟାଇଲ୍‌କୁ ବଦଳାଇବାକୁ ପଡ଼ିବ। ସ୍କୁଲ ପିଲାମାନେ ବାହାରକୁ ଆସିଲେ ଆଜିନୋମୋଟୋ ମିଶ୍ରିତ ଖାଦ୍ୟ ସହିତ ବଜାରରେ ମିଳୁଥିବା ଅସନ୍ତୁଳିତ ଖାଦ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଏସବୁ ଖାଦ୍ୟ ଶରୀରରେ କୋମରବିଡିଟି ବୃଦ୍ଧି କରିବାରେ ସହାୟକ ହେଉଛି। ରକ୍ତଚାପ ସହିତ ଭାରତରେ ଦିନକୁ ଦିନ ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା। ଗୋଟିଏ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶର ୭୦ ପ୍ରତିଶତ ଲୋକ ଏହି ରୋଗରେ ପୀଡ଼ିତ, ଯାହାକି ସ୍ଲୋ ପଏଜନ ପରି ଜୀବନ ନେଉଛି।



# ଗଭୀର ଖାଇକୁ ଖସିଲା ଟ୍ୟାକ୍ସି ୧୦ଜଣ ଯାତ୍ରୀଙ୍କ ମୃତ୍ୟୁ

**ଶ୍ରୀନଗର, ୨୯।୩**

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଟ୍ୟାକ୍ସି ଗଭୀର ଖାଇକୁ ଖସିପଡିବାରୁ ୧୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଦିନ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏକ ଯାତ୍ରୀବାହୀ ଟ୍ୟାକ୍ସି ଗଭୀର ଖାଇକୁ ଖସି ପଡ଼ିବାରୁ ୧୦ଜଣଙ୍କର ଜୀବନ ଯାଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କିସ୍ତାଡ ଜିଲ୍ଲାର ରାମବନର ବ୍ୟାଟେରୀ ଚସମା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଏକ ଟ୍ୟାକ୍ସିରେ ୧୦ ଜଣ ଯାତ୍ରୀ ଶ୍ରୀନଗରରୁ ଜମ୍ମୁ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାମବନର ବ୍ୟାଟେରୀ ଚସମା ନିକଟରେ ଟ୍ୟାକ୍ସିଟି ଭାରସାମ୍ୟ ହରାଇ ଖାଇକୁ ଖସି ପଡିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଅଧିକାରୀ, ବିପର୍ଯ୍ୟୟ ମୁକାବିଲା ଟିମ୍ ଏବଂ ରାମବନର ସିଭିଲ କୁଇକ ରେସପନ୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରବଳ ବର୍ଷା ମଧ୍ୟରେ ଉଦ୍ଧାରକାରୀ ଟିମ୍ ସମସ୍ତ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ମଧ୍ୟରୁ ୨ଜଣଙ୍କର ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜଣାପଡିନାହିଁ। ପରିଚୟ ମିଳିଥିବା ମୃତକ ଦୁଇ ଜଣ ହେଉଛନ୍ତି ଗାଡ଼ି ଚାଳକ ୪୭ ବର୍ଷୀୟ ବଲାନ ସିଂହ ଓ ଅନ୍ୟଜଣେ ବିହାରର ବିପିନ ମୁଆ। ଦୁର୍ଘଟଣାକୁ ନେଇ ପୁଲିସ ତଦନ୍ତ କରୁଥିବା ବେଳେ ଲାଗାତାର ବର୍ଷା ହେଉଥିବାରୁ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିବା ସନ୍ଦେହ କରୁଛି ପୁଲିସ।